## ସଂକ୍ଷେପରେ

### ଯାଦବ ସଙ୍ଗଠନ ପକ୍ଷରୁ ଦରିଦ୍ର ନାରାୟଣ ସେବା

ରସୁଲପୁର,୧୭।୧୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଚିତ୍ରକୂଳ ଗ୍ରାମସ୍ଥିତ ମା’ ବାଲୁଡେଇଙ୍କ ପୀଠରେ ଯାଦବ ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଗଠନର ପୁରୋଧା ଅଭିମନ୍ୟୁ ଦାସ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୟ ଯାଦବ ଯୋଗଦେଇ ଯାଦବ ଭଉଣୀଭାଇଙ୍କର ସାମାଜିକ ଓ ଆର୍ଥିକ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ପଞ୍ଚାୟତସ୍ଥିତ ଶତାଧିକ ଯାଦବ ସମ୍ପ୍ରଦାୟର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଭରତ ଦାସ, ଅଜୟ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଷ୍ଣୁ ଦାସ, ଆଶିଷ ଦାସ, ସୋମନାଥ ଦାସ ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ କରିବା ସହ ଯାଦବ ଭାଇମାନେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଭରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ଏବିଇଓଙ୍କୁ ସମ୍ବର୍ଦ୍ଧନା

ବିରଜାକ୍ଷେତ୍ର,୧୭।୧୨(ଡି.ଏନ୍.ଏ): ଯାଜପୁର ବ୍ଲକ ପଣସା ଗ୍ରାମପଞ୍ଚାୟତସ୍ଥିତ କୁଶି ୟୁଜିଏମ୍‌ଇ ବିଦ୍ୟାଳୟ ପରିସରରେ ରବିବାର ଅବସରପ୍ରାପ୍ତ ଯାଜପୁର ବ୍ଲକ୍ ଏବିଇଓଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିନ୍ଧାଣ କ୍ଲଷ୍ଟରର ସିଆରସିସି ଶ୍ରୁତିକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଏବିଇଓ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଶରତ କୁମାର ଦାସ ଓ ଲାଲବାର ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ କିରଣବାଳା ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଅକ୍ଷୟ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ପଣସା ସରପଞ୍ଚ ମୋନାଲିସା ପତି, ସମିତି ସଭ୍ୟ କେତେକୀ ବର୍ଦ୍ଧନ, ମୁଖ୍ୟ ବକ୍ତାଭାବେ ପ୍ରଧାନଶିକ୍ଷକ ଯଦୁନାଥ ଜେନା ଅଂଶଗ୍ରହଣ କରିଥିଲେ। କୁଶି ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା କମିଟିର ଅଧ୍ୟକ୍ଷ ସଞ୍ଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଜିଲାସ୍ତରୀୟ ଇନ୍‌ସ୍ପାୟାର ପ୍ରକଳ୍ପ ପ୍ରତିଯୋଗିତା, ବିଜ୍ଞାନମେଳା ଉଦ୍‌ଘାଟିତ

# ବୈଜ୍ଞାନିକ ଚିନ୍ତାଧାରା ଉନ୍ନତିରେ ଦେଶର ପ୍ରଗତି

ଜଗତ୍‌ସିଂହପୁର ଅଫିସ,୧୭।୧୨

ସୋମବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭ମ ଜିଲାସ୍ତରୀୟ ଇନ୍‌ସ୍ପାୟାର ପ୍ରକଳ୍ପ ପ୍ରତିଯୋଗିତା ଓ ୪୫ତମ ଜବାହାରଲାଲ ନେହେରୁ ବିଜ୍ଞାନ, ଗଣିତ ଓ ପରିବେଶ ଭିତ୍ତିକ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଛି। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁସଂସ୍କାର ମୁକ୍ତ ବିଶ୍ୱ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଜ୍ଞାନିକ ଚିନ୍ତାଧାରାର ଉନ୍ନତି ହେଲେ ଦେଶ ତଥା ଜାତିର ଉନ୍ନତି ହେବ। ତେଣୁ ବିଜ୍ଞାନ ମେଳାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁଚରଣ ଦାସ ଓ ଅନ୍ୟ ଅତିଥିମାନେ।

ଅତିରିକ୍ତ ଜିଲାପାଳ(ଏଡିଏମ୍) ସଚ୍ଚିଦାନନ୍ଦ ସାହୁ ଓ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଓ ଈଶ୍ୱରଙ୍କ ସତ୍ତାକୁ ନେଇ ବିତର୍କ ହୋଇଥିଲା। ଏହା ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ନାଇଜର୍‌ର କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଭଳି ମେଳା ପରିବେଶ ସଚେତନତା ଓ ପ୍ରଦୂଷଣ ମୁକ୍ତି ଦିଗରେ ସହାୟକ ହେବ ବୋଲି କହିଥିଲେ। ଅତୁଲ୍ୟ କୁମାର ମିଶ୍ର ଅତିଥି ପରିଚୟ ଓ ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଚାରକ ଭାବେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ବିକ୍ରମ ସୁନ୍ଦର ଦାସ, ସାଗରିକା ନାୟକ, ଅଶୋକ କୁମାର ରାଉଳ, ବାଲିକୁଦା ମହାବିଦ୍ୟାଳୟ ଅଧ୍ୟାପକ ମିହିର କୁମାର ଚୌଧୁରୀ ଓ ବିଭୂପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜୁରୀ ମେମ୍ବର ଭାବେ ଜାତୀୟ ଇନୋଭେସନ୍ ଫାଉଣ୍ଡେସନ୍‌ର ବରିଷ୍ଠ ବୈଜ୍ଞାନିକ ଡ.ରାହୁଲ ପ୍ରକାଶ ଉପସ୍ଥିତ ଥିଲେ। ଅପରାହ୍ନରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏହାକୁ କୁଇଜ ମାଷ୍ଟର ସୁଧାଂଶୁ କୁମାର ମହାପାତ୍ର ପରିଚାଳନା କରିଥିଲେ। ମେଳାରେ ୮୦ ଓ ଇନ୍‌ସ୍ପାୟାର ପ୍ରକଳ୍ପ ପ୍ରତିଯୋଗିତାରେ ୨୬୫ ପ୍ରକଳ୍ପ ସ୍ଥାନ ପାଇଛି। ମଙ୍ଗଳବାର ଏହା ଉଦ୍‌ଯାପିତ ହେବ। ମେଳାରୁ ୬ ଓ ଇନ୍‌ସ୍ପାୟାର ପ୍ରକଳ୍ପ ପ୍ରତିଯୋଗିତାରୁ ୨୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନିତ ହେବ।

### ବିଞ୍ଝାରପୁରରେ ଖୋଲିଲା ଧାନମଣ୍ଡି

ବିଞ୍ଝାରପୁର,୧୭।୧୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରାଥମିକ କୃଷି ସମବାୟ କେନ୍ଦ୍ର ପରିସରରେ ସୋମବାର ପୂର୍ବାହ୍ନରେ ସରକାରୀ ଧାନ କ୍ରୟ କେନ୍ଦ୍ର ଖୋଲାଯାଇଛି। ଏହି ଧାନକ୍ରୟ ମଣ୍ଡିକୁ ମୁଖ୍ୟ ଅତିଥି ଭାବେ କଟକ ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ପରିଚାଳକ ଜାନକୀକାନ୍ତ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅରେଇ ସମବାୟ ସମିତି ସମ୍ପାଦକ ଲକ୍ଷ୍ମୀନାରାୟଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚାଷୀମାନେ ମଣ୍ଡିକୁ ସରକାର ଧାର୍ଯ୍ୟ କରିଥିବା ଏଫ୍‌ଏକ୍ୟୁ ମାନର ଧାନ ଆଣି କ୍ୱିଣ୍ଟାଲ ପିଛା ୧୭୫୦ ଟଙ୍କା ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁହାଳି ସମିତିର ସମ୍ପାଦକ ମହେନ୍ଦ୍ର ନାୟକ, ପ୍ରଦ୍ୟୁମ୍ନ ବାରିକ, ସ୍ୱର୍ଣ୍ଣରଞ୍ଜନ ବେହୁରିଆ, ବିରେନ୍ଦ୍ର ସାମଲ,ନିର୍ମଳ ନାୟକ, ନାରାୟଣ ସାମଲ, ବିଜୟ ବିଶ୍ୱାଳ, ନିରାକାର ବେହୁରିଆ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବାଲିକୁଦାର ୫ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ବାଲିକୁଦା,୧୭।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକର ୫ ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ହୋଇଛି। ଅନନ୍ତପୁର ପଞ୍ଚାୟତରେ ସରପଞ୍ଚ ରମେଶ ପାଇଟାଳ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ସଦସ୍ୟା ବବିତା ସ୍ୱାଇଁ, ସମିତିସଭ୍ୟ ରମେଶ ପଲେଇ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏବିଡିଓ ଅଜୟ କୁମାର ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଳମଣି ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟିକା ଦୀପ୍ତିରେଖା ପଣ୍ଡା ସାଥୀଙ୍କ ଦ୍ୱାରା ପାଲା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ୩ ଜଣଙ୍କୁ କଳାକାର ଭତ୍ତା ଓ ୮୦ ଜଣଙ୍କୁ ମଧୁବାବୁ ପେନସନ ଦିଆଯାଇଥିଲା। ସେହିପରି ତଣ୍ଡିକୁଳ ପଞ୍ଚାୟତରେ



ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସରପଞ୍ଚ ଲୋକନାଥ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ୬୫ ଜଣଙ୍କୁ ମଧୁବାବୁ ପେନସନ, ୮ ଜଣଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା। କାଳିଓ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ୩୭ ଜଣଙ୍କୁ ମଧୁବାବୁ ପେନସନ ଓ ୧୦ ଜଣଙ୍କୁ କଳାକାର ଭତ୍ତା ଦିଆଯାଇଥିଲା। ଥାଇଲୋ ପଞ୍ଚାୟତରେ ୪୩ ଜଣଙ୍କୁ ମଧୁବାବୁ ପେନସନ ଓ ୧୬ ଜଣଙ୍କୁ ଖଲାକାର ଭତ୍ତା, ଆମ୍ବଶାଳ ପଞ୍ଚାୟତରେ ୨୯ ଜଣଙ୍କୁ ମଧୁବାବୁ ପେନସନ ଓ ୬ ଜଣଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା।

### କ୍ଷତାକ୍ତ ଷଣ୍ଢର ଚିକିତ୍ସା କଲେ ଗ୍ରାମବାସୀ

ବାଲିଆ,୧୭।୧୨

ଏବେ ବି ବଞ୍ଚିଛି ମଣିଷ ପଣିଆ। ଏକ କ୍ଷତାକ୍ତ ଷଣ୍ଢର ଚିକିତ୍ସା କରି ବରିଡ଼ି ବ୍ଲକ ଅଲାଣ୍ଡୋ ଅଞ୍ଚଳର କେତେଜଣ ବ୍ୟକ୍ତି ନିଜ ଉଦାରତାର ପରିଚୟ ଦେଇଛନ୍ତି। ୧୫ ଦିନ ତଳେ ଏକ ଷଣ୍ଢର ଗୋଡ଼ରେ କ୍ଷତ ସୃଷ୍ଟି ହୋଇ ପୋକ ହୋଇଯାଇଥିଲେ। ଷଣ୍ଢଟି ଯନ୍ତ୍ରଣା ସହି ନ ପାରି ଛାଟିପିଟି ହେବା ସହ ହାଜିପୁର ବଜାର ସାରା ହମ୍ବାଳି ଛାଡ଼ି ବୁଲୁଥିଲା। ଏହା ଦେଖି ଅଲାଣ୍ଡୋ ଅଞ୍ଚଳର ଜ୍ଞାନରଞ୍ଜନ ଦାସ ଷଣ୍ଢର ଚିକିତ୍ସା ପାଇଁ ଆଗେଇ ଆସିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏଥିରେ ତାଙ୍କୁ ସହଯୋଗ କରିଥିଲେ। ଷଣ୍ଢକୁ ଉଦ୍ଧାର କରି ସେମାନେ ଏକ ସୁରକ୍ଷିତ ସ୍ଥାନକୁ ନେଇଥିଲେ। ବିରିଡ଼ି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ କ୍ରମେ ଷଣ୍ଢ ଗୋଡ଼ରୁ ପୋକ କାଢିବା ସହ ପ୍ରତିଦିନ ଔଷଧ ଓ ଇଞ୍ଜେକ୍ସନ ଦେଉଛନ୍ତି।

## ଯୁବ ଉତ୍ସବରେ ଯୋଗଦେଲେ ୧୫୦୦ ପ୍ରତିଭା

ବିରଜାକ୍ଷେତ୍ର, ୧୭।୧୨(ଡି.ଏନ୍.ଏ)

ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଯାଜପୁର ଜିଲାସ୍ତରୀୟ ଯୁବ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, କ୍ରୀଡ଼ା ବିଭାଗ ଓ ଯୁବ ବାହିନୀ ସହଯୋଗିତାରେ ଏହି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଜୁ ଯୁବ ବାହିନୀର ୧୫୦୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ଯୋଗ ଦେଇଥିଲେ। ଯାଜପୁର ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ବିଜୁ ଯୁବ ବାହିନୀରେ ୧୬ହଜାରରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ପଞ୍ଜୀକୃତ ହୋଇଛନ୍ତି। ଏହି ଯୁବ ସମାବେଶକୁ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରିଥିବାବେଳେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ତିଲୋତ୍ତମା ପୃଷ୍ଟି, ଅନୁପ କୁମାର ବେହେରା, ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ଦେଇଥିବା ଯୁବ ବାହିନୀର ସଦସ୍ୟଙ୍କ ଭିତରୁ ଅନେକ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହିଅବସରରେ ଜିଲାରେ ହୋଇଯାଇଥିବା ‘ମୁଁହିରୋ’ କାର୍ଯ୍ୟକ୍ରମରେ ସଫଳତା ଅର୍ଜନ କରିଥିବା ସ୍ୱର୍ଣ୍ଣଲତା ଦଳାଇ, ସତ୍ୟରଞ୍ଜନ କର, ଝୁନୁବାଳା ଦାସ, ରଞ୍ଜିତା ବାରିକ, ସେକ୍ ସାହାଜାହାନଙ୍କୁ ଅତିଥିମାନେ ୪ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଯାଜପୁର ଜିଲାରେ ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାର ବଡ଼ଚଣା ବ୍ଲକ୍ ବାଲିପଡ଼ିଆ ଗ୍ରାମପଞ୍ଚାୟତର ବିଜୁ ଯୁବ ବାହିନୀକୁ ଯୁବ ସମାବେଶରେ ଶ୍ରେଷ୍ଠ ମାନ୍ୟତା ପ୍ରଦାନ କରାଯାଇଥିଲା। ସେହିପରି ଏହି ଯୁବ ସମାବେଶରେ ଜିଲାର ୨ଜଣ ସଫଳ କ୍ରୀଡ଼ାବିତ୍ ନିବେଦିତା ନାୟକ ଓ ଏମ୍.ସୁଦୀପାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏତଦ୍ ବ୍ୟତୀତ ଜିଲାସ୍ତରୀୟ ଭଲି ଟୁର୍ନାମେଣ୍ଟର ବିଜୟୀ ରସୁଲପୁର ବ୍ଲକ୍‌କୁ ୩ହଜାର ଓ ରନର୍ସ ଅପ୍ କୋରେଇ ବ୍ଲକ୍‌କୁ ୨ହଜାର ଟଙ୍କା ପୁରସ୍କାର ରାଶି ସମ୍ମାନିତ ଅତିଥିମାନେ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ବାଳାଶ୍ରମ ପଡ଼ିଆଠାରେ ଲାଗିଥିବା ବଡ଼ ଏଲଇଡି ସ୍କ୍ରିନ୍‌ରେ ହଜାର ହଜାର ଦର୍ଶକ ବିଶ୍ୱକପ୍ ହକିର ଫାଇନାଲ ମ୍ୟାଚକୁ ଉପଭୋଗ କରିଥିଲେ। ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ ଓ ଜିଲା ଯୁବ ବାହିନୀ ପ୍ରୋଗ୍ରାମ ଅଫିସର ସତ୍ୟରଞ୍ଜନ କର ଯୁବ ବାହିନୀ ସମାବେଶକୁ ସଫଳତାର ସହ ପରିଚାଳନା କରିଥିଲେ।

## ଜାତୀୟ ଭଲିବଲ୍‌ରେ ପାରାଦୀପର ୩ ଝିଅ ସାମିଲ



ଜାତୀୟ ଭଲିବଲ୍ ଟୁର୍ନାମେଣ୍ଟରେ ଯୋଗଦେବାକୁ ଚୟନ ହୋଇଥିବା ୩ କ୍ରୀଡ଼ାବିତ୍।

ପାରାଦୀପ,୧୭।୧୨(ସ୍ୱ.ପ୍ର.)

ପଞ୍ଜାବର ଚଣ୍ଡିଗଡ଼ରେ ଆସନ୍ତା ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଜୁନିୟର ଟିମ୍‌ରେ ପାରାଦୀପର ୩ଜଣ ଖେଳାଳି ଭାଗ ନେବେ। ସେମାନେ ହେଲେ ମେଘନା ପ୍ରିୟଦର୍ଶିନୀ ବାରିକ, ସୋମାଲି ତିରିଆ ଓ କଲ୍ୟାଣୀ ହରିଚନ୍ଦନ। ସେହି ୩ଝିଅ ପାରାଦୀପ ଗୋପବନ୍ଧୁ କ୍ରୀଡ଼ା ସଂସଦ ଅଧିନରେ ପ୍ରଶିକ୍ଷଣ ନେଉଥିଲେ। ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ ସେମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଉଚ୍ଚକୋଟିର ଖେଳ ଓ ବିଭିନ୍ନ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ସେମାନେ ସଫଳତା ପାଇଥିଲେ। ଏବେ ଜାତୀୟସ୍ତରରେ ଭାଗ ନେଉଥିବାରୁ ସାଥି ଖେଳାଳି, ପରିବାର ଓ ଶୁଭେଚ୍ଛୁ ସେମାନଙ୍କୁ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।

### ୧୧ ସ୍ଥାନରେ ଧାନମଣ୍ଡି

ପଟ୍ଟାମୁଣ୍ଡାଇ, ୧୭।୧୨ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୧୧ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଖୋଲାଯାଇଛି । ସୋମବାର ଅଳଭା, ବଡ଼ମୂଳବସନ୍ତ ଓ ଡ଼ାମରପୁର ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି। ଏହା ପୂର୍ବରୁ ଶନିବାର ପଟ୍ଟାମୁଣ୍ଡାଇ ବ୍ଲକର ସଂସାରଫଳ, ଚନ୍ଦନନଗର, ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଥିଲା । ସେହିପରି ରବିବାର ଓଉପଦା, ବଡ଼ପଡ଼ା, ସାନଜରିଆ, ତେରୋହୀ ଓ ନରସିଂହପୁର ଆଦି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଥିଲା। ପ୍ରତିବର୍ଷ ବ୍ଲକର ୧୨ ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଉଥିବା ବେଳେ ଚଳିତ ବର୍ଷ ୧୧ ସମବାୟ ସମିତିରେ ଏହି ଧାନମଣ୍ଡି ଖୋଲାଯାଇଛି । ଧାନ କିଣା ପାଇଁ ମଣ୍ଡିଗୁଡ଼ିକୁ ଟାର୍ଗେଟ୍ ଦିଆଯାଇ ନ ଥିବା ବେଳେ ପରବର୍ତ୍ତୀ ସମୟରେ ଟାର୍ଗେଟ୍ ଦିଆଯିବ ବୋଲି ଯୋଗାଣ ପକ୍ଷରୁ କୁହାଯାଇଛି । ତେବେ ଅନ୍‌ଲାଇନରେ ପଞ୍ଜୀକରଣ କରିଥିବା ଚାଷୀଙ୍କଠାରୁ ସେମାନଙ୍କ ଧାନ କିଣାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପ୍ରତି ସପ୍ତାହର ରବିବାର ଓ ଗୁରୁବାର ମଣ୍ଡି ବନ୍ଦ ରହିବ।

## ପିଠା କାର୍ଯ୍ୟକ୍ରମରେ ସଚେତନତା

ରଘୁନାଥପୁର,୧୭।୧୨(ଡି.ଏନ୍.ଏ.): ରଘୁନାଥପୁର ବ୍ଲକର ଜଇଶୋଳ, ପୁରଣଓଡ଼ପଡ଼ା ଓ ତାରପୁର ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ତାରପୁର ପଞ୍ଚାୟତ ହରିଶପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ପଟ୍ଟାୟତ ଓ ଏବିଡିଓ ଅଶୋକ କୁମାର ମହାନ୍ତି ଯୋଗଦେଇ ଏହାର ଉଦ୍ଦେଶ୍ୟ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜୁ କୃଷକ ସ୍ୱାସ୍ଥ୍ୟବୀମା ଓ ସେସୁ ବିଭାଗ ପକ୍ଷରୁ ନୂତନ ବିଜୁଳି କନେକ୍ସନ ସମ୍ପର୍କରେ ତଥ୍ୟ ରଖିଥିଲେ। ସରପଞ୍ଚ ସରୋଜ କୁମାର ଦାସଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ପ୍ରୋଜେକ୍ଟର ଦ୍ୱାରା ସଚେତନତା ଧର୍ମୀ ଦୃଶ୍ୟ ଦେଖାଯାଇଥିଲା। ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକାରର ପିଠା ଉପସ୍ଥିତ ବ୍ୟକ୍ତିଙ୍କୁ ବଣ୍ଟନ କରାଯିବା ସହ ପାଲା ମାଧ୍ୟମରେ ମନୋରଞ୍ଜନ କରାଯାଇଥିଲା। ଇଓ ଅଭିଜିତ ଦାସ ଓ୍ୱାର୍ଡ ସଭ୍ୟାସଭ୍ୟ ଓ ପଞ୍ଚାୟତର ବିଭିନ୍ନ ବ୍ଲକ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା। ନୋଡାଲ ଅଫିସର ଭାବେ ସହକାରୀ ଯନ୍ତ୍ରୀ ଅମିୟଚାନ୍ଦ ମଲ୍ଲିକ ଉପସ୍ଥିତ ଥିବା ବେଳେ ଜିଲାସ୍ତରରୁ ଅବ୍‌ଜର୍ଭର ପରିଦର୍ଶନ କରିଥିଲେ।


ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ।

## ଆଞ୍ଚଳିକ ଗୀତା ପ୍ରଚାର ସମିତିର ରୌପ୍ୟ ଜୟନ୍ତୀ

ବାଲିକୁଦା,୧୭।୧୨(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ରଣପୁରସ୍ଥିତ ଜାଗ୍ରତ ଗୌରୀ ପୀଠରେ ଆଞ୍ଚଳିକ ଗୀତା ପ୍ରଚାର ସମିତିର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ଗୀତା ମହାଯଜ୍ଞରେ ଅତିଥିମାନେ ଗୀତାର ପ୍ରଚାର ପ୍ରସାର ହୋଇପାରିଲେ ସମାଜରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ବୋଲି କହିଥିଲେ। ସମିତିର ସଭାପତି ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଶ୍ୱ ଦିବ୍ୟଜୀବନ ସଂଘ ଋଷିକେଶର ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ, ଜାତୀୟ କୌଶଳ ପ୍ରଶିକ୍ଷଣ ଅନୁଷ୍ଠାନର ନିର୍ଦ୍ଦେଶକ ବଟକୃଷ୍ଣ ରାୟ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ କମର୍ସର ଡିନ୍ ପ୍ରଫେସର ସଞ୍ଜୟ କୁମାର ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରୌପ୍ୟଜୟନ୍ତୀ ବିଶେଷାଙ୍କ ତଥା ସମିତିର ମୁଖପତ୍ର ‘ଯଜ୍ଞତପସା’ ଉନ୍ମୋଚିତ ହୋଇଥିଲା। ସିଦ୍ଧାର୍ଥ ଦାସଙ୍କୁ ଦାମୋଦର ଗୌରବ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ ବିବରଣୀ ପାଠ କରିଥିଲେ। ଆଇନଜୀବୀ ବୀରନାରାୟଣ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ପ୍ରାଣକୃଷ୍ଣ ସାହୁ ଧନ୍ୟବାଦ ଦେଇଥିଲେ। ସଚ୍ଚିକାନ୍ତ ଶତପଥୀ ଓ ପୁଷ୍ପଲତା ଶତପଥୀ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ■ ଚାକିରି ଦେବା ନାଁରେ ମହିଳାଙ୍କୁ ଠକେଇ

# ଟଙ୍କା ଫେରସ୍ତ ମାଗିବାରୁ ଦୁର୍ବ୍ୟବହାର

କୁଜଙ୍ଗ,୧୭।୧୨(ସ୍ୱ.ପ୍ର.)

■ଥାନାରେ ଅଭିଯୋଗ କଲେ ମହିଳା
■ପୁଅର ଚାକିରି କରାଇଦେବାକୁ ଦେଇଥିଲେ ୬୦ ହଜାର ଟଙ୍କା

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ଅଧୀନରେ କାର୍ଯ୍ୟ କରୁଥିବା ଏକ ଠିକା କମ୍ପାନୀର ମ୍ୟାନେଜର ଚାକିରି କରାଇ ଦେବାକୁ କହି ଜଣେ ମହିଳାଙ୍କଠାରୁ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏପରିକି ଟଙ୍କା ଫେରସ୍ତ ମାଗିବାରୁ ସମ୍ପୃକ୍ତ ମ୍ୟାନେଜର ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ସହ ଅଶ୍ଳୀଳ ଭାଷାରେ ଗାଳି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ କୁଜଙ୍ଗ ଥାନା ଗଣ୍ଡକିପୁର ଗ୍ରାମର ସମ୍ପୃକ୍ତ ମହିଳା ଜଣଙ୍କ ସୋମବାର ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ତୈଳ ବିଶୋଧନାଗାର ପ୍ରକଳ୍ପ ଅଧୀନରେ କାର୍ଯ୍ୟ କରୁଥିବା ଏକ କମ୍ପାନୀର ମ୍ୟାନେଜର କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର ଗ୍ରାମର ପ୍ରତିମା ତରାଇଙ୍କ ପୁଅକୁ ଚାକିରି ଦେବା ପାଇଁ ୬୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବାର ୧ ସପ୍ତାହ ମଧ୍ୟରେ ଗେଟ୍ ପାସ ଓ ଚାକିରି ଦିଆଯିବ ବୋଲି ସେ କହିଥିଲେ। କିନ୍ତୁ ୧ ସପ୍ତାହ ଅତିକ୍ରାନ୍ତ ହେବା ପରେ ମଧ୍ୟ ଚାକିରି ନ ମିଳିବାରୁ ପ୍ରତିମା ସମ୍ପୃକ୍ତ ମ୍ୟାନେଜରଙ୍କୁ ଫୋନ୍ କରିଥିଲେ। କିନ୍ତୁ ଫୋନ ଉଠାଇ ନ ଥିଲେ। ପ୍ରତିମା ଅନ୍ୟ ଏକ ମୋବାଇଲରୁ ଫୋନ୍ କରିବା ପରେ ସମ୍ପୃକ୍ତ ମ୍ୟାନେଜର ଚାକିରି ଦେଇପାରିବେ ନାହିଁ କିମ୍ବା ଟଙ୍କା ଫେରସ୍ତ କରିବେ ନାହିଁ ବୋଲି ରୋକଠୋକ କହିଥିଲେ। ତେଣୁ ପ୍ରତିମା ସୋମବାର ସକାଳ ୮ଟାରେ ତୈଳ ବିଶୋଧନାଗାର ପ୍ରକଳ୍ପର ୪ ନମ୍ବର ଫାଟକର କିଛି ଦୂରରେ ରହି ସମ୍ପୃକ୍ତ ମ୍ୟାନେଜରଙ୍କୁ ଅପେକ୍ଷା କରିଥିଲେ। ମ୍ୟାନେଜର ଏକ ବୋଲେରୋ ଯୋଗେ ଫାଟକ ନିକଟରେ ପହଞ୍ଚିବା ପରେ ପ୍ରତିମା ତାଙ୍କୁ ଅଟକାଇ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ସମ୍ପୃକ୍ତ ମ୍ୟାନେଜର ଟଙ୍କା ଦେବେ ନାହିଁ ବୋଲି କହିବା ସହିତ ମହିଳାଙ୍କୁ ନାନାଦି ଜାତିଗତ ଆକ୍ଷେପ କରିବା ସହିତ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ତେଣୁ ସେ ବାଧହୋଇ ଥାନର ଦ୍ୱାରସ୍ତ ହୋଇଥିବା ପ୍ରତିମା କହିଛନ୍ତି। ଏନେଇ ଥାନା ଅଧିକାରୀ ବିଚିତ୍ରା ନନ୍ଦ ସେଠୀଙ୍କୁ ପଚାରିବାରୁ ଅଭିଯୋଗ ହୋଇଥିବା ସ୍ୱୀକାର କରିଛନ୍ତି।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସାଇ କୋର୍ ଆଣ୍ଡ କେମିକାଲ୍ସ, ଅଂଶୀଦାରମାନେ: ଦୋଡଲା ଲକ୍ଷ୍ମଣ ରାଓ, ପିତା: ଦୋଡଲା ସତ୍ୟନାରାୟଣ ଏବଂ ଦୋଡଲା ମଣି, ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ, ହନୁମାନ କଟନ୍ ଇଣ୍ଡଷ୍ଟ୍ରିଜ୍ କମଟାଲପେଟା ନିକଟ, ରାୟଗଡ଼ା-୭୬୫୦୦୧ | ଜାମିନ୍‌ଦାର: ଶ୍ରୀ ଏମ୍. ନାଗଭୂଷଣ ରାଓ / ସମ୍ପତ୍ତିର ମାଲିକ: ଦୋଡଲା ମଣି, ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ | ଦୋଡଲା ମଣି, ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମଟାଲପେଟା, ଖାତା ନଂ.: ୫୯/୯୧୭, ପ୍ଲଟ୍ ନଂ.: ୫୬୪/୧୭୨୦, କ୍ଷେତ୍ର: ଏକର୦.୫୫ଡିସିମିଲି, କିସମ: କ୍ଷୁଦ୍ର ଶିଳ୍ପ ଏବଂ ଖାତା ନଂ.: ୫୯/୮୮୫, ପ୍ଲଟ୍ ନଂ.: ୧୩୬, କ୍ଷେତ୍ର: ଏକର୧.୩୬ଡିସିମିଲି, କିସମ: ଘରବାରି, ଏହାର ଚାରିପାଖରେ- ପୂର୍ବ: ପ୍ଲଟ୍ ନଂ.: ୫୬୩ ଏବଂ ୫୬୨, ପଶ୍ଚିମ: ଦୋଡଲା ଲକ୍ଷ୍ମଣ ରାଓଙ୍କ ପ୍ଲଟ୍ ନଂ. ୫୫୬, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ଆଲମ ଗୋବିନ୍ଦଙ୍କ ପ୍ଲଟ୍ ନଂ. ୫୪୯ | ୨୦.୧୦.୨୦୧୬ | ୧୩.୧୨.୨୦୧୮ | ୩୦.୦୯.୨୦୧୬ ସୁଦ୍ଧା ଟ.୯୩,୧୪,୨୧୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତା: ଶ୍ରୀ ଗୌତମ ପଣ୍ଡା, ପିତା: ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.: ୩୧୫, କଳାରାହାଙ୍ଗ, ଆର୍ଯ୍ୟନିଳୟ ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୨୪ | ସମ୍ପତ୍ତିର ମାଲିକ: ଶ୍ରୀ ଗୌତମ ପଣ୍ଡା | ଶ୍ରୀ ଗୌତମ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁଜବଳ, ତହସିଲ: ରାୟଗଡ଼ା, ଖାତା ନଂ.: ୪୨/୨୨୨, ପ୍ଲଟ୍ ନଂ.: ୨୧/୪୫୫/୫୯୫, କ୍ଷେତ୍ର: ଏକର୧.୦୦ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ଶ୍ରୀମତୀ ନୀରା ସିହ୍ନାଙ୍କ ଜମି (ପ୍ଲଟ୍ ନଂ. ୨୧/୪୫୫), ପଶ୍ଚିମ: ପ୍ଲଟ୍ ନଂ. ୨୧/୪୬୩, ଉତ୍ତର: ପ୍ଲଟ୍ ନଂ. ୨୧ର ଅବଶିଷ୍ଟ ଜମି, ଦକ୍ଷିଣ: ପିଡବ୍ଲୁଡି ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୬୪,୯୯,୯୨୬.୭୯ + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତା: ମେସର୍ସ ମାଝୀ ଗୌରୀ ରୋଲିଙ୍ଗ ସର୍ଟର୍ସ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ବି. ଆନନ୍ଦ ରାଓ, ରୋହିତ କଲୋନୀ, ତୃତୀୟ ଲେନ୍, ରାୟଗଡ଼ା-୭୬୫୦୦୧ | ସମ୍ପତ୍ତିର ମାଲିକ: ବି. ଆନନ୍ଦ ରାଓ | ବି. ଆନନ୍ଦ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାୟଗଡ଼ା ସୁଙ୍କାରିମେଟ୍ଟୁ, ପିତାମହଲ, ତହସିଲ: ରାୟଗଡ଼ା, କମଟାଲପେଟା, ଖାତା ନଂ.: ୧/୩୩, ପ୍ଲଟ୍ ନଂ.: ୧୮/୭୨, ୧୯/୭୩, କ୍ଷେତ୍ର: ଏକର୦.୦୩୬ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ବି. ପ୍ରସାଦ ରାଓଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ. ୧୧୬ ଏବଂ ୧୧୭), ପଶ୍ଚିମ: ବି. ରମେଶଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ.: ୧୧୫), ଉତ୍ତର: ବିକ୍ରେତାଙ୍କ ଲେଆଉଟ୍ ପ୍ଲଟ୍ ନଂ. ୯୩, ଦକ୍ଷିଣ: ୩୦ ଫୁଟ ଚଉଡା ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୩୧,୧୧,୯୮୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୩.୧୨.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ଧାନମଣ୍ଡି ଖୋଲିଲା



**ରାଜନଗର, ୧୭।୧୨ (ଡି.ଏନ୍.ଏ.):** ରାଜନଗର ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ସୋମବାରଠାରୁ ଧାନମଣ୍ଡି ଖୋଲିଛି। ପୂର୍ବରୁ ରାଜନଗର ସମବାୟ ସମିତିରେ ମଣ୍ଡି ଖୋଲିଥିବା ବେଳେ ସୋମବାର ଭାଟପଡ଼ା, ଚାନ୍ଦିବାଉଁଶମୂଳ, କୋଇଲିପୁର, ଓସ୍ତିଆ, ବାଲିସାହିପାଟଣା, ଡେରା, ନୋଧାବସନ୍ତ, ନାଉକୋଣା, କୁରୁଣ୍ଟି, ଡାଙ୍ଗମାଳ, ତାଳଚୁଆ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ଭାଟପଡା ଧାନମଣ୍ଡିକୁ ବିଡିଓ ମନ୍ଦରଧର ମହାଳିକ ଓ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ସାନବଡ଼ ଗୋପାଳପୁରର ସମିତିସଭ୍ୟ ସୁମନ୍ତ ସେଠୀ, ସମିତି ସଭାପତି ଦିଲ୍ଲୀପ କୁମାର ପାତ୍ର, ପରିଚାଳନା ପରିଷଦ ସଭ୍ୟ ବଲ୍ଲଭ ବଳ, କବିତା ମଲିକ, ରତ୍ନାକର ପ୍ରଧାନ, ଚାଷୀ କମିଟି ସଭ୍ୟ ବିଶ୍ୱନାଥ ରାଉତରାୟ, ମହେନ୍ଦ୍ର କୁମାର ସେଠୀ, ବୁଦ୍ଧଦେବ ରାଉତ, ସମ୍ପାଦକ ନୀଳମଣି ପ୍ରଧାନ, ସହ ସମ୍ପାଦକ ଆଶିଷ କୁମାର ସ୍ୱାଇଁ, ପ୍ରିୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଚାନ୍ଦିବାଉଁଶମୂଳ ଧାନମଣ୍ଡିକୁ ସରପଞ୍ଚ ପୁଷ୍ପଲତା ପ୍ରଧାନ, ସମିତି ସଭାପତି ରମାକାନ୍ତ ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଅଜାମ୍ବର ଦାସ, ପରିଚାଳନା ପରିଷଦ ସଦସ୍ୟ ସୁରେଶ ରାଉତରାୟ, ଲକ୍ଷ୍ମୀଧର ସାହୁ, ଶିବ ଚରଣ ମହାନ୍ତି, ସହଦେବ ମହାନ୍ତି, ଅକ୍ଷୟ ସାମଲ, ଗଗନ କୁମାର ବଳ, ନନ୍ଦକିଶୋର ରାଉଳ, ଅମର କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋଇଲିପୁର ଧାନମଣ୍ଡିକୁ ସମିତି ସଭାନେତ୍ରୀ ଉର୍ମିଳା ରାଉତ, ସରପଞ୍ଚ ରଶ୍ମିତା ପ୍ରତିହାରୀ, ସମିତିସଭ୍ୟା ପୂର୍ଣ୍ଣିମା ପ୍ରଧାନ, ସମ୍ପାଦକ ଘନଶ୍ୟାମ ଜେନା ଉଦ୍‌ଘାଟନ କରିଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ

ଡେରାବିଶ, ୧୭।୧୨(ସ୍ୱ.ପ୍ର.)
ଡେରାବିଶ ଶିକ୍ଷା ସର୍କଲ ଅଧୀନ ମୁକୁନ୍ଦପୁର ପଞ୍ଚାୟତ ପବିତ୍ରପଡ଼ା ବଟ ମହାପୁରୁଷ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ୍ କିଶୋର ଚନ୍ଦ୍ର ମହାନ୍ତିଙ୍କ ଦ୍ୱିତୀୟ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କିଶୋର ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ମୃତି କମିଟି ସଭାପତି ସରପଞ୍ଚ ଯୋଗାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରହରି ସୂତାର ମୁଖ୍ୟଅତିଥି, ଶ୍ରୀନିବାସ ସାହୁ ମୁଖ୍ୟବକ୍ତା ଓ ଇଂ. ଗୁଣନିଧି ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ସ୍ୱର୍ଗତ ମହାନ୍ତିଙ୍କ ବିଦ୍ୟାଳୟ ପ୍ରତିଷ୍ଠା ଓ ଶିକ୍ଷାଦାନ ପ୍ରତି ଥିବା ପ୍ରଚେଷ୍ଟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପ୍ତିରଞ୍ଜନ ଦାସ, ଦେବେନ୍ଦ୍ରନାଥ ଦାସ, ରଘୁନାଥ ଦାସ, ଚିତ୍ତରଞ୍ଜନ ଦାସ, ଶିକ୍ଷକ ଭାବଗ୍ରାହୀ କର, ଶିକ୍ଷୟିତ୍ରୀ ନିର୍ମଳା ହୋତା, ପ୍ରଜ୍ଞାପାରମିତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୫ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**ମହାକାଳପଡା,୧୭।୧୨(ଡି.ଏନ୍.ଏ.):** ମହାକାଳପଡା ବ୍ଲକରେ ଚାଲିଥିବା ପିଠା କାର୍ଯ୍ୟକ୍ରମ ସୋମବାର ୩ୟ ଦିନରେ ପହଞ୍ଚିଛି। ଏହି ଅବସରରେ ବ୍ଲକର ୫ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଉଳକଣୀ ପଞ୍ଚାୟତ ସରପଞ୍ଚ ସୁଜାତା ସାମଲ, ରାମନଗର ପଞ୍ଚାୟତ ସରପଞ୍ଚ ଶିପ୍ରା ମଣ୍ଡଳ, ପେଟ୍‌ଛେଲା ପଞ୍ଚାୟତ ସରପଞ୍ଚ ଗୌରି ମାଇତି, ଖରିନାସୀ ପଞ୍ଚାୟତ ରଞ୍ଜନ ଦାସ ଓ ବଟିଘର ପଞ୍ଚାୟତ ସରପଞ୍ଚ ଦେବବ୍ରତ ମାଇତି ନିଜ ନିଜ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବିଡିଓ ରମେଶ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ସସ୍ମିତା ବରାଳ ଓ ସିଡିପିଓ ମନୋରମା ସ୍ୱାଇଁ ଏସବୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡିକ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବା ଏହି ପିଠା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ।

# ବାତ୍ୟା ପ୍ରଭାବରେ ଝିପିଝିପି ବର୍ଷା, ଚିନ୍ତାରେ ଚାଷୀ

- ଧାନ ଫସଲ ନଷ୍ଟ ହେବା ଆଶଙ୍କା
- ସମୟ ପୂର୍ବରୁ ଅମଳ କରିବାକୁ ବାଧ ହେଉଛନ୍ତି ଚାଷୀ
- ସଂରକ୍ଷଣ ପାଇଁ ବିକଳ୍ପ ନାହିଁ

**କେନ୍ଦ୍ରାପଡା ଅଫିସ, ୧୭।୧୨**

ବାତ୍ୟା ପ୍ରଭାବରେ କେନ୍ଦ୍ରାପଡା ଜିଲାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ବର୍ଷା ଆଶଙ୍କାରେ କ୍ଷେତରୁ ଧାନ ଅମଳ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ସତର୍କ ସୂଚନା ଦିଆଯାଇଛି। ଏନେଇ ଏଠାକାର ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ଗତ ସେପ୍ଟେମ୍ବରରେ ହୋଇଥିବା ଲଘୁଚାପ ବର୍ଷାରେ ବହୁ ଫସଲ ନଷ୍ଟ ହୋଇଥିଲା। ଏବେ ପୁନର୍ବାର ଲଗାଣ ବର୍ଷା ହେଲେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଜିଲାରେ ଖରିଫ ଧାନ ଅମଳ ଏବେ ଆରମ୍ଭ ହୋଇଛି। ଜାନୁୟାରୀ ୨ୟ ସପ୍ତାହକୁ ଏହି ଅମଳ ଶେଷ ହେବା କଥା। ମାତ୍ର ଏହା ପୂର୍ବରୁ ସ୍ୱଳ୍ପ ସମୟ ମଧ୍ୟରେ ଧାନ ଅମଳ ସମ୍ଭବ ନୁହେଁ ବୋଲି ବହୁ ଚାଷୀ କହିଛନ୍ତି। ଏହାଛଡା କ୍ଷେତରୁ ପାଚିଲା ଧାନ ଅମଳ ପାଇଁ ଯଥେଷ୍ଟ ଶ୍ରମିକ ନାହାନ୍ତି। ଜିଲାରେ ମାତ୍ର ହାତଗଣତି କୋଟେଟି ହାର୍ଭେଷ୍ଟର ଅବା ଧାନ ଅମଳ ଯନ୍ତ୍ର ରହିଛି। ଏହା ଜିଲାର ଆବଶ୍ୟକତା ପୂରଣ କରିବା ସମ୍ଭବ ନୁହେଁ। ଏହାଛଡା ବହୁ ହାର୍ଭେଷ୍ଟର ମାଲିକ ଧାନ ଅମଳ ପାଇଁ ଅଧିକ ପ୍ରାପ୍ୟ ଦାବି କରୁଥିବା ଅଭିଯୋଗ ହେଉଛି।

ନିକିରାଇ ଗ୍ରାମର ରମାକାନ୍ତ ଜେନାଙ୍କ କହିବାନୁସାରେ, ଲଘୁଚାପଜନିତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିବା ପରେ କୃଷି ଶ୍ରମିକଙ୍କୁ ଲଗାଇ ପ୍ରାୟ ୪ ଏକର ଧାନ ଫସଲ କଟାଇଥିଲି। ସେଗୁଡିକୁ ଖଳାକୁ ଟ୍ରାକ୍ଟର ମାଧ୍ୟମରେ ଆଣିଛି। ତେବେ ଧାନ ଖଳାରେ ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇ ପାରି ନ ଥିବାରୁ ପାଣି ପଶିବାର ଆଶଙ୍କା ରହିଛି। ପଲିଥିନ ଜରି ଓ ପାଲ ପାଇଁ ଅର୍ଥ ଅଭାବ ରହିଛି। ସେହିପରି କେନ୍ଦ୍ରାପଡା ବ୍ଲକ ଭରତପୁର ଗ୍ରାମର ଭାଗଚାଷୀ ସନତ କୁମାର ଦାସ କୁହନ୍ତି, ଦରପାଚିଲା ଧାନ ଫସଲ କାଟି ଆଣିଲେ ପୋକ ଲାଗିବା ଭୟ ରହିଥିବା ବେଳେ ଅମଳ ମଧ୍ୟ ଠିକ୍ ଭାବେ ହୋଇ ନ ଥାଏ। ମାତ୍ର ଏବେ ବର୍ଷା ଭୟରେ ପରିବାର ଲୋକେ ମିଶି ଧାନ କାଟି ଦେଇଛୁ। ମାତ୍ର ସେଗୁଡିକ ରଖିବା ପାଇଁ ଜାଗା ନ ଥିବାରୁ ଏବେ କ୍ଷେତରେ ପଡିଛି। ସ୍ଥାନୀୟ ଲୋକଙ୍କଠାରୁ ଋଣ କରି ଚାଷ କରିଥିବାବେଳେ ବର୍ଷାରେ ଧାନ ଫସଲ ନଷ୍ଟ ହେଲେ ଋଣ ପରିଶୋଧ କିପରି କରିବେ ସେନେଇ ସେ ଚିନ୍ତିତ ହୋଇପଡିଛନ୍ତି। କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା କୁହନ୍ତିଯେ, ଲଘୁଚାପ ବର୍ଷା ଚାଷକୁ କ୍ଷତିଗ୍ରସ୍ତ କରିବ। ଲଗାତାର ୨ ଦିନ ବର୍ଷା ହେଲେ କ୍ଷେତର ତଳି ଧରିଯିବ। ଫଳରେ ଅମଳ ହେବା ଅସମ୍ଭବ ହୋଇପଡିବ। ସେହିପରି ସ୍ଥାନୀୟ ଅଞ୍ଚଳର ପନିପରିବା ଚାଷୀ ଲଘୁଚାପ ବର୍ଷା ପାଇଁ ମୁଣ୍ଡରେ ହାତଦେଇ ବସିଛନ୍ତି। ସଂରକ୍ଷଣ ପାଇଁ କୌଣସି ବିକଳ୍ପ ନ ଥିବାରୁ ଚାଷୀ ହତାଶ ହୋଇପଡିଛନ୍ତି। ଏହାର ସୁଯୋଗ ନେଇ କେତେକ ବେପାରୀ କମ୍ ଦାମରେ ଚାଷୀଙ୍କଠାରୁ ପନିପରିବା କିଣି ନେଉଛନ୍ତି। ଏସମ୍ପର୍କରେ ଜିଲା କୃଷି ବିଭାଗ ଉପ ନିର୍ଦ୍ଦେଶକ ମିତ୍ରୋଦୟ ଦାଶ କୁହନ୍ତି, କେନ୍ଦ୍ରାପଡା ଜିଲାରେ ଏହି ଲଘୁଚାପ ବର୍ଷାର ପ୍ରଭାବ ଅଧିକ ରହିବ ନାହିଁ। ଏଥିପାଇଁ ଭୟଭୀତ ହେବାର ଆବଶ୍ୟକତା ନାହିଁ।

# ଲୁଣା ଘେରିବନ୍ଧ ପୁନଃ ନିର୍ମାଣ ଶିଳାନ୍ୟାସ

- ବ୍ୟୟ ହେବ ୪ କୋଟି ୩୫ ଲକ୍ଷ



ଶିଳାନ୍ୟାସ ଉତ୍ସବରେ ବିଧାୟକ ଅଂଶୁମାନ୍ ମହାନ୍ତି ଓ ଅନ୍ୟମାନେ।

**ରାଜନଗର, ୧୭।୧୨ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଅଧୀନ ସାତଗାଁ ଲୁଣା ଘେରିବନ୍ଧ ପୁନଃ ନିର୍ମାଣ ହେବ। ଏହାର ଉନ୍ନତୀକରଣ ପାଇଁ ୪କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଘେରିବନ୍ଧକୁ ଆଉ ୫ ମିଟର ଚଉଡା, ୪.୩୫ ଆରଏଲ ଉଚ୍ଚତା କରାଯିବ। ନଦୀ ପାର୍ଶ୍ୱରେ ୧୨୦୦ ମିଟର ପଥର ପ୍ୟାଙ୍କି କରାଯିବା ସହ ଦୁଇଟି ସ୍ଲୁଇସ ନିର୍ମାଣ କରାଯିବ। ଏହାର ୯.୫ କି.ମି.ଠାରୁ ୧୮.୩ କି.ମି. ପର୍ଯ୍ୟନ୍ତ ପୁନଃ ନିର୍ମାଣ କରାଯାଇ ମୋରମ ପକାଯିବ। ତେବେ ସୋମବାର ସ୍ଥାନୀୟ ବିଧାୟକ ଅଂଶୁମାନ ମହାନ୍ତି ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ କଣ୍ଡିରା ସରପଞ୍ଚ ଦୀପ୍ତିମୟୀ ବେହେରା, ତଟବନ୍ଧ ବିଭାଗ ସହକାରୀ ଯନ୍ତ୍ରୀ ଲଳାଟେନ୍ଦୁ ଜେନା, ବ୍ଲକ କଂଗ୍ରେସ କମିଟି ସଭାପତି ଚୌଧୁରୀ ରବୀନ୍ଦ୍ର କୁମାର ରାଉତରାୟ, ୩୧ନଂ. ଜୋନ୍ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ଶୁକଦେବ ଭଦ୍ର, କଳାକାର ସାହୁ, ହେମନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପାଟକୁରା ବିକାଶ ପରିଷଦର ସ୍ୱଚ୍ଛତା ଅଭିଯାନ

**ଡେରାବିଶ, ୧୭।୧୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନୁଆପଡ଼ା ଗ୍ରାମରେ ପାଟକୁରା ବିକାଶ ପରିଷଦ ପକ୍ଷରୁ ସ୍ୱଚ୍ଛତା ଓ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦ ସଭାପତି ରଜନୀକାନ୍ତ ସାମଲଙ୍କ ଆହ୍ୱାନ କ୍ରମେ ପରିଷଦର ସଦସ୍ୟଗଣ ଅନୁଆପଡ଼ା ଗ୍ରାମ ଠାକୁରାଣୀ ମନ୍ଦିର, ବିଦ୍ୟାଳୟ ଓ ଯୁବକ ସଂଘ ପରିସର ସଫେଇ କରିଥିଲେ। ସ୍ୱଚ୍ଛତା ସମ୍ପର୍କରେ ପଥପ୍ରାନ୍ତ ସଭା ଓ ରାଲି କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଆବର୍ଜନା ଅଳିଆକୁ ଏଣେତେଣେ ନ ପକାଇବା ପାଇଁ ଗ୍ରାମରେ ୩ଟି ଆବର୍ଜନା କୁଣ୍ଡ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦ ସଦସ୍ୟ ଅଭିଜିତ ଭଦ୍ର, ସୁଶାନ୍ତ ସାହୁ, ପାର୍ଥସାରଥି ଭଦ୍ର, ମାନସ ରଞ୍ଜନ ରାଉତ, ବିକାଶ ଭଦ୍ର, ଅସିତ୍ ଭଦ୍ର, ସଂଗ୍ରାମ ପଟ୍ଟନାୟକ, ସାଗର ଭଦ୍ର ଓ ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ପାଟକୁରା ବିକାଶ ପରିଷଦର ସଦସ୍ୟମାନେ।

## ବିଧବାଙ୍କୁ ଗଣବଳାତ୍କାର ଅଭିଯୋଗ ଘଟଣା: ୫ କୋର୍ଟ ଚାଲାଣ

**ମାର୍ଶାଘାଇ, ୧୭।୧୨ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ବଡପାଳଗୋଡା ନିକଟସ୍ଥ ଏକ ଭଡ଼ାଘରୁ ଜନୈକା ବିଧବାଙ୍କୁ ଉଠାଇ ନେଇ ଗଣ ବଳାତ୍କାର କରିବା ଅଭିଯୋଗରେ ପୋଲିସ୍ ସୋମବାର ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅରୁଣ କୁମାର ବେହେରା(୩୫), ପ୍ରସନ୍ନ କୁମାର ବେହେରା(୩୮), ଉତ୍ତମ ମଣ୍ଡଳ(୩୫), ସେକ୍ ହବିବ୍ (୩୩) ଓ ନିରୁପମା ବେହେରା(୩୫)।

ଗତ ଶୁକ୍ରବାର ସମ୍ପୃକ୍ତା ମହିଳାଙ୍କୁ ୫ଜଣ ଯୁବକ ଘରୁ ଉଠାଇ ନେଇ ରାମନଗର ବଜାରସ୍ଥିତ ଏକ ମାଛ ଫିସେରିରେ ନିସ୍ତୁକ ମାଡ଼ ମାରିବା ସହ ଗଣ ବଳାତ୍କାର କରିଥିଲେ। ଏଥିସହ ଶନିବାର ଭୋରରୁ ତାଙ୍କୁ ବଡପାଳଗୋଡାସ୍ଥିତ ଭଡ଼ାଘରେ ଛାଡି ଦେଇଥିଲେ। ଏ ନେଇ ଶନିବାର ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ୨୨୬/୧୮ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତେବେ ସୋମବାର ୫ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ପୀଡ଼ିତାଙ୍କୁ ଗଣ ବଳାତ୍କାର କରାଯାଇ ନଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ମାର୍ଶାଘାଇ ସମବାୟ ସମିତିର ବହୁମୁଖୀ ଗୃହ ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ଅତିଥିମାନେ।

**ମାର୍ଶାଘାଇ, ୧୭।୧୨ (ଡି.ଏନ୍.ଏ)**

ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ଦ୍ୱିତଳ ବିଶିଷ୍ଟ ବହୁମୁଖୀ ଗୃହର ଶିଳାନ୍ୟାସ ସୋମବାର ହୋଇଯାଇଛି। ସମିତି ସଭାପତି ଗିରିଧାରୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିଳାନ୍ୟାସ ଉତ୍ସବରେ ମାର୍ଶାଘାଇ ବଣିକ ସଂଘ ସଭାପତି ରନେନ୍ଦ୍ର କୁମାର ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଦୁର୍ଗାମାଧବ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ସମିତିର ନିଜସ୍ୱ ସଞ୍ଚୟ ଏବଂ ଋଣ ପାଣ୍ଠିରୁ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ୮ ଦୋକାନ ଗୃହ ଏବଂ କାର୍ଯ୍ୟାଳୟ ଗୃହ କରାଯିବ। ଏହି ପ୍ରକଳ୍ପ ସମିତିର ଆୟ ବୃଦ୍ଧି କରିବାରେ ସହାୟକ ହେବ ବୋଲି ସମ୍ପାଦକ ଭାବଗ୍ରାହୀ ନାୟକ ସୂଚନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ମଣ୍ଡଳୀ ସଭ୍ୟ ମନୋରଞ୍ଜନ ସାମଲ, ଉପେନ୍ଦ୍ର ବେହେରା, ବିଚିତ୍ରାନନ୍ଦ ବେହେରା, ନଗେନ୍ଦ୍ର ବେଉରା, ନିର୍ମଳ ଦଳାଇ, ବ୍ରଜବନ୍ଧୁ ନାୟକ, ସରସ୍ୱତୀ ମଲିକ, ଡମ୍ବରୁଧର ସାହୁ, ଗୁରୁଚରଣ ସ୍ୱାଇଁ, ଆଲୋକ ଚଇନି, ଝରି ବସନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ଗୋବର୍ଦ୍ଧନ ସାହୁ ଧନ୍ୟବାଦ ଦେଇଥିଲେ।

# ବେଡ଼ାରୀରେ ପିଠା କାର୍ଯ୍ୟକ୍ରମ




ବେଡ଼ାରୀ ପୀଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପାଟକୁରା ୧୭।୧୨ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡ଼ାରୀ ପଞ୍ଚାୟତ ବେଡ଼ାରୀ ମେଳଣ ପଡ଼ିଆଠାରେ ବ୍ଲକ ପ୍ରଶାସନ ତରଫରୁ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତି ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସରକାର ମିଶନ ଶକ୍ତିର ଉତ୍ଥାନ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ସଞ୍ଜୁବାଳା ବେହେରା, ପ୍ରଗତି ସହାୟକ ପ୍ରମୋଦ କୁମାର ଦାସ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ପାର୍ବତୀ ବାରିକ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ବୈଜୟନ୍ତୀ ବେହେରା, ସରପଞ୍ଚ ଗୋକୁଳାନନ୍ଦ ବେହେରା, ଶିକ୍ଷାବିତ୍ ଶିବଚରଣ ନାୟକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

## ସରପଞ୍ଚଙ୍କ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ରାଜକନିକା, ୧୭।୧୨(ଡି.ଏନ୍.ଏ.)**

ରାଜକନିକା ଥାନା ଅନ୍ତର୍ଗତ କୋରନ୍ଦ ଗ୍ରାମ ପଞ୍ଚାୟତର ସରପଞ୍ଚ ବିସ୍ମୟ କୁମାର ଧଳଙ୍କଠାରୁ ସୋମବାର କେତେଜଣ ଦୁର୍ବୃତ୍ତ ପ୍ରାୟ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ଅଭିଯୋଗ ମୁତାବକ, ପଞ୍ଚାୟତରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମ ପାଇଁ ସେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ୨୫ ହଜାର ଟଙ୍କାର ଚେକ୍ ଆଣିଥିଲେ। ଏହି ଚେକ୍‌କୁ ରାଜକନିକାର ଅଶୋକ ବଜାରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଭଙ୍ଗାଇବା ସହ ନିଜ ବ୍ୟବସାୟ ପାଇଁ ୫୦ ହଜାର ଟଙ୍କା ଉଠାଇ ମୋଟ୍ ୭୫ ହଜାର ଟଙ୍କା ଏକ ଛୋଟ ବ୍ୟାଗରେ ଭର୍ତ୍ତି କରିଥିଲେ। ସେଥିରେ ଏଟିଏମ୍ କାର୍ଡ ଓ ଚେକ ବହି ମଧ୍ୟ ରଖିଥିଲେ। ଉକ୍ତ ବ୍ୟାଗକୁ ଗାଡି ଡିକିରେ ରଖି କୌଣସି କାର୍ଯ୍ୟରେ ସେ କନିକା ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଗାଡି ଡିକି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଏଟିଏମ୍ ସାହାଯ୍ୟରେ ୨ ଥର ୨୦ହଜାର ଲେଖାଏଁ ଉଠାଇ ନେଇଛନ୍ତି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୨୧୮/୧୮) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।



ମହାକାଳପଡା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣିମାଠିଆ ଗ୍ରାମର ଆଦିବାସୀ ଶବର ସମ୍ପ୍ରଦାୟର ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ କାଠ ଜାଳି ନିଆଁ ପୁଆଁଉଛନ୍ତି।

# ସାହସୀ ସିତୁଙ୍କୁ ସମ୍ବର୍ଦ୍ଧନାର ସୁଅ



ଯୁବନେତା ଦେବାଶିଷ ପାତ୍ର ସିତୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜନଗର, ୧୭।୧୨ (ଡି.ଏନ୍.ଏ.)**

ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ କଣ୍ଡିରା ଗ୍ରାମର ମେଘନାଦ ମଲ୍ଲିକଙ୍କ ପୁଅ ସିତୁ (୧୫)ଙ୍କୁ ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ସାହସିକତା ପୁରସ୍କାର ମିଳିବ। ଏ ନେଇ ଜିଲାପାଳଙ୍କ ନିକଟକୁ ଚିଠି ଆସିବା ପରେ ବିଭିନ୍ନ ରାଜନୈତିକ ଦଳ ଓ ଅନୁଷ୍ଠାନ ପକ୍ଷରୁ ସିତୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଏହି କ୍ରମରେ ସୋମବାର ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ସିତୁଙ୍କ ଘରେ ପହଞ୍ଚି ତାଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଧାୟକଙ୍କ ସହ କଣ୍ଡିରା ସରପଞ୍ଚ ଦୀପ୍ତିମୟୀ ବେହେରା, କଂଗ୍ରେସ ନେତା ଦେବେନ୍ଦ୍ର କୁମାର ଜେନା, କଳାକାର ସାହୁ, ହେମନ୍ତ କୁମାର ରାଉତ, ଅକ୍ଷୟ କୁମାର ସାମଲ, ଖବରଦାତା ଜୟନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଯୁବନେତା ଦେବାଶିଷ ପାତ୍ର ସିତୁ ଓ ତାଙ୍କ ମା'ବାପାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ସହ ନାରାୟଣ ସ୍ୱାଇଁ, ନଳିନୀକାନ୍ତ ସାହୁ, ନବକିଶୋର ମହାନ୍ତି, ଅଶୋକ ସାହୁ, ମୁକେଶ ପାତ୍ର, ଜିଲା ଯୁବ ବିଜେଡି ଉପସଭାପତି ସୁରେଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ମହାନ୍ତି, ମାଧବାନନ୍ଦ ରାଉତ, ନିରାକାର ସ୍ୱାଇଁ, ମନୋଜ କୁମାର ରାଉତରାୟ ପ୍ରମୁଖ ସିତୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବେଆଇନ ବାଲି ପରିବହନ ବନ୍ଦ ଦାବି

# କେନ୍ଦ୍ରାପଡ଼ା-ଗୋବରୀ କେନାଲ ରାସ୍ତାରୋକୋ

**ଡେରାବିଶ, ୧୭।୧୨(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା-ଗୋବରୀ କେନାଲ୍ ରାସ୍ତାରେ ପ୍ରତିଦିନ ଶହଶହ ହାଇୱା, ଟ୍ରକ୍, ଟ୍ରାକ୍ଟର ଆଦିରେ ଲୁଣା ନଦୀରୁ ବାଲି ଚାଲାଣ ହେଉଥିବାରୁ ରାସ୍ତା ଉପରେ ପ୍ରାୟ ୬ଇଞ୍ଚ ଉଚ୍ଚର ବାଲି ଜମି ରହୁଛି। ଏଥିଯୋଗୁ ଦୈନିକ ଏଠାରେ ଏକାଧିକ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖାଯାଉଛି। ଏହି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅଧୀନ ସୋରିଷିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ନାୟକଙ୍କ ମୃତ୍ୟୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶିକ୍ଷାବିତ୍ କାହ୍ନୁ ଚରଣ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ସେହି ରାସ୍ତାରେ ବାଲି ପରିବହନ ଗାଡ଼ି ଚଳାଚଳ ବନ୍ଦ କରିବା ଦାବିରେ ସୋମବାର ରାସ୍ତାରୋକୋ କରିଥିଲେ। ଏଥିଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ବନ୍ଦ ହୋଇ ରହିଥିଲା। ଖବରପାଇ ଡେରାବିଶ ତହସିଲଦାର କାହ୍ନୁଚରଣ ଲେଙ୍କା, ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରାସ୍ତାରୁ ବାଲି ସଫା କରିବା ସହ ସକାଳ ୯ ଟାରୁ ୧୧ ଟା ଏବଂ ଦିନ ୩ ଟାରୁ ୫ ଟା ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ବାଲି ଗାଡ଼ି ବନ୍ଦ ରହିବ, ଗାଡ଼ିରେ ଓଭରଲୋଡ଼ିଂ ହୋଇ ବାଲି ଯିବ ନାହିଁ ଓ ବାଲି ଉପରେ ପାଲ ବନ୍ଧା ଯିବା ଆଦି ପ୍ରସ୍ତାବ ଗ୍ରାମବାସୀ ଦେଇଥିଲେ। ଏ ନେଇ ଆସନ୍ତା ୨୩ ତାରିଖରେ ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ବସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନାଯୋଗ୍ୟ, ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅଧୀନ ସୋରିଷିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ନାୟକଙ୍କ ରବିବାର ସଡ଼କ ଦୁର୍ଘଟଣାରେ ଆହାତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅବସରପ୍ରାପ୍ତ ଶିକ୍ଷକ ନାୟକ କେନ୍ଦ୍ରାପଡ଼ା-ଗୋବରୀ କେନାଲ୍ ରାସ୍ତାରେ ରବିବାର ସ୍କୁଟି ଯୋଗେ ଯାଉଥିବା ବେଳେ ବାଲିରେ ଚକା ଖସି ଯିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

## ସଂକ୍ଷେପରେ

### ବର୍ଷା ପାଇଁ ଚିନ୍ତାରେ ଚାଷୀ

**ବିରିଡ଼ି,୧୭।୧୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଞ୍ଚଳରେ ରବିବାରଠାରୁ ପେଥାଇ ଘୂର୍ଣ୍ଣିବାତ୍ୟା ପ୍ରଭାବରେ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ସାମାନ୍ୟ ବ୍ୟାହତ ହୋଇଛି। ତେବେ ବର୍ଷାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବିଲରେ ପାଚିଲା ଧାନ ଠିଆ ହୋଇଥିବାବେଳେ ଆଉ କିଛି ବିଲରେ କଚଡ଼ା ପଡିରହିଛି। ଫଳରେ ଚାଷୀ ଭୟଭୀତ ହୋଇପଡିଛନ୍ତି। ତେଣୁ କେତେକ ଚାଷୀ ତରତର ହୋଇ ମେଶିନ ଦ୍ୱାରା ଧାନ କାଟି ଅମଳ କରି ଟ୍ରାକ୍ଟର ଦ୍ୱାରା ବୋହି ଆଣୁଥିବାବେଳେ ଆଉ କିଛି ଚାଷୀ କଚଡାକୁ କାନ୍ଧରେ ବୋହି ଘରକୁ ଆଣୁଥିବା ଦେଖିବାକୁ ମିଳିଛି। ଯଦି ଲଘୁଚାପଜନିତ ବର୍ଷା ଲାଗି ରହେ ତେବେ ଚାଷୀମାନେ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।

### ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକୋତ୍ସବ

**ବିରିଡ଼ି,୧୭।୧୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ଶଙ୍ଖାରିସାହି ଗ୍ରାମ ବିଲୁଆଖାଇ ନଦୀକୂଳରେ ଥିବା ତ୍ରିନାଥ ମହାପ୍ରଭୁଙ୍କ ୨୫ ତମ ବାର୍ଷିକୋତ୍ସବ ରବିବାର ଧନୁସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଛି। ତ୍ରିନାଥ ଗାଦି ଉନ୍ନୟନ ପରିଷଦ ଓ ଶଙ୍ଖାରିସାହି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଧର୍ମସଭାରେ ଧାନକୁଦର ପୀଠାଧିଶ ବାବା ଅରକ୍ଷିତ ଦାସ ଯୋଗ ଦେଇ ମହାପୁରୁଷଙ୍କ ମାଳିକା ଉପରେ ପ୍ରବଚନ ଦେଇଥିଲେ। ଏହି ଉପଲକ୍ଷେ ଗାଦିରେ ଜଳଯାତ୍ରା, ଘଟସ୍ଥାପନ, ହୋମ, ପୂଜା, ଭଜନ ପରିବେଷଣ କରାଯାଇଥିଲା। ସଭାରେ ପତିତପାବନ ଜେନା ପୌରୋହିତ୍ୟ କରିଥିଲେ। ଅକ୍ଷୟ କୁମାର ଭୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜୟଚନ୍ଦ୍ର ଜେନା ଓ ଅକ୍ଷୟ ବେହେରା ସଙ୍ଗୀତ ବରିଷେଣ କରିଥିଲେ। ଯୋଗେନ୍ଦ୍ରେ ଭୋଇ, ବସନ୍ତ ବେହେରା, ଆନନ୍ଦ ବେହେରା, ବୀରବର ଭୋଇ, ଶରତ ଦାସ, ଟିକିନା ଭୋଇ, ଗଜେନ୍ଦ୍ର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷୀରୋଦ ଭୋଇ ଧନ୍ୟବାଦ ଦେଇଥିଲେ।

### ତିର୍ତ୍ତୋଲର ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ



**ତିର୍ତ୍ତୋଲ,୧୭।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକର ଏକାଧିକ ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇବ୍ରିସିଂ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ବୈରାଗୀ ବାରିକ ସଭାପତିତ୍ୱ କରିଥିଲେ। ଜଗତସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିପିଓ ସଞ୍ଜୟ କୁମାର ଦାସ, ବ୍ଲକ କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ, ସୁକାନ୍ତ କୁମାର ଦାସ, ସମିତିସଭ୍ୟ ପ୍ରସନ୍ନ କୁମାର ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୬ଜଣଙ୍କୁ କଳାକାର ଭତ୍ତା ଏବଂ ୬୧ ଜଣଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା। ଜଡତିରା ପଞ୍ଚାୟତରେ କବିତା ବେହେରା ସଭାପତିତ୍ୱ କରିଥିଲେ। ଜିପିଓ ସଞ୍ଜୟ ଦାସ, ଗୌରାଙ୍ଗ ବେହେରା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ପଟିଲୋ ପଞ୍ଚାୟତରେ ସରପଞ୍ଚ ଚିତ୍ତରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ବିଡିଓ ରଞ୍ଜନ କୁମାର ପରିଡା, ଜିଲାପରିଷଦ ସଭ୍ୟ ଲିପାଲି ରାଉଳ, ଜିପିଓ ସଞ୍ଜୟ କୁମାର ଦାସ, ସମିତିସଭ୍ୟା ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏସଏଚଜି ତରଫରୁ ବିଭିନ୍ନ ପ୍ରକାରର ଷ୍ଟଲ ଖୋଲାଯାଇଥିଲା।

### ଦନ୍ତ ଚିକିତ୍ସା ଶିବିର

**ବାଲିକୁଦା,୧୭।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମା' ଜାଗ୍ରତ ଗୌରୀଙ୍କ ପୀଠରେ ଗୀତା ମହାଯଜ୍ଞ ରୌପ୍ୟ ଜୟନ୍ତୀ ଅବସରରେ କଳିଙ୍ଗ ଭାରତୀ ଫାଉଣ୍ଡେସନ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସ କିଟ ବିଶ୍ୱ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଦନ୍ତ ଚିକିତ୍ସା ଶିବିର ହୋଇଥିଲା। ଏଥିରେ ୮୭ ଜଣଙ୍କ ଚିକିତ୍ସା କରାଯାଇଥିଲା। ସମିତି ସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ପଟ୍ଟନାୟକ ମୁଖ୍ୟ ଅତିଥି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଡା. ବିନୟ, ଲେଖିକା ସୌଭାଗିନି ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।

# ନାମକୁ କାର୍ଯ୍ୟକ୍ରମ, କାମକୁ ନୁହେଁ

**ନାଉଗାଁ,୧୭।୧୨(ସ୍ୱ.ପ୍ର.)**

**ଗରିବଙ୍କଠାରୁ ଦୂରରେ ପିଠା ଯୋଜନା**
- ଦଳୀୟ ଭିତ୍ତିରେ କାର୍ଯ୍ୟକ୍ରମ ଚାଲିଥିବା ଅଭିଯୋଗ
- ସାଧାରଣ ଲୋକଙ୍କୁ ଅବଗତ କରାଯାଉନାହିଁ
- ଭତ୍ତା ପାଉନାହାନ୍ତି ପ୍ରକୃତ ହିତାଧିକାରୀ

ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ଓ ଜନ ସଶକ୍ତିକରଣ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ପିଠା ଯୋଜନା। ଏଥିପାଇଁ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ୨୫ ହଜାର ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରିଛନ୍ତି। ପଞ୍ଚାୟତ ଜନପ୍ରତିନିଧିମାନେ ଯୋଜନାର ସଫଳତା ପାଇଁ ବିଶେଷ ଯତ୍ନବାନ ହେବାକୁ କୁହାଯାଇଛି। ମାତ୍ର ପରିତାପର ବିଷୟ ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମ କରି ସମସ୍ତେ କାମ ସାରିଦେବାକୁ ବସିଥିବାବେଳେ ଯୋଜନାର ଉଦ୍ଦେଶ୍ୟ ପୂରଣ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ବହୁ ଗରିବ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ଦୁଃଖ କେହି ଶୁଣୁ ନାହାନ୍ତି। କେବଳ ଦଳୀୟ ଭିତ୍ତିରେ କାର୍ଯ୍ୟକ୍ରମ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ ସାଧାରଣତଃ ଭତ୍ତା ବଣ୍ଟନ କରାଯାଉଥିବା ବେଳେ ଅନେକ ଗରିବ ଓ ଅସହାୟ ଲୋକଙ୍କୁ ଜାଣିଶୁଣି କାର୍ଯ୍ୟକ୍ରମକୁ ଡକାଯାଉନାହିଁ। ଏହି ବ୍ଲକ ଗଜରାଜପୁର ପଞ୍ଚାୟତ ଦଳିତ ସାହିର ପ୍ରଫୁଲ୍ଲ ଭୋଇ(୬୨), ଭାତପଡ଼ାର ବିଧବା ବାସନ୍ତୀ ଭୋଇ, ଗଜରାଜପୁରର ଭିନ୍ନକ୍ଷମ ଶିବପ୍ରସାଦ ଭୋଇ ପ୍ରମୁଖ ଅନେକଥର ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ମିଳିନାହିଁ। ଏପରିକି ସେମାନଙ୍କ ଆବେଦନ ଫର୍ମ ଚିରି ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓଷକଣା ପଞ୍ଚାୟତ ନୟା ସିଙ୍ଗଡ଼ା ଗ୍ରାମର ସପନି ନାୟକ(୭୦), ମାଗୁ ଦଳାଇ (୬୮), କ୍ଷୀରୋଦ ପରିଡା(୭୦) ଏ ପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। କେବଳ ଭତ୍ତା ନୁହେଁ, ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ଅନେକ ପରିବାର ସହାୟତା ପାଇନାହାନ୍ତି। ଗଜରାଜପୁରର ସୁର ସାହୁ, ନିଳମଣୀ ସେଠୀ ପ୍ରମୁଖଙ୍କ ୧ ବର୍ଷ ହେଲା ମୃତ୍ୟୁ ଘଟିଥିଲେ ମଧ୍ୟ ସେମାନଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳିନାହିଁ। ରୋହିଆ ପଞ୍ଚାୟତ ନାରସିମା ଗ୍ରାମର ଧଡ଼ି ବେହୁରା (୬୫), ଚନ୍ଦ୍ରଶେଖର ସ୍ୱାଇଁ (୮୧) ବାବାଜି ସାହୁ (୬୩), ମାନଗୋବିନ୍ଦ ବାରିକ (୬୨) ପ୍ରମୁଖ ଏପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। କେବଳ ଏହି ପଞ୍ଚାୟତ ନୁହେଁ, ବ୍ଲକର ୧୬ ପଞ୍ଚାୟତରେ ଏହି ସମସ୍ୟା ଦେଖିବାକୁ ମିଳିଛି। ପିଠା ଯୋଜନା ବିଷୟରେ ଗଜରାଜପୁରର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ କହିଛନ୍ତି ଯେ, ସରକାରଙ୍କ ଏହି ଯୋଜନା ଏକ ଦଳୀୟ ଭିତ୍ତିକ କାର୍ଯ୍ୟକ୍ରମ ଭଳି ଲାଗୁଛି। ଅନେକ ଲୋକଙ୍କୁ ଏ ସମ୍ପର୍କରେ ଠିକ୍ ଭାବେ ଅବଗତ କରାଯାଉନାହିଁ। ତେଣୁ ଦଳୀୟ ଭିତ୍ତିରେ କାର୍ଯ୍ୟକ୍ରମ ନ କରି ଗରିବଙ୍କୁ ସାହାଯ୍ୟ କରାଯାଉ। ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସହସଂଯୋଜକ ଅଶୋକ ସ୍ୱାଇଁ କହିଛନ୍ତି ଯେ ସରକାରଙ୍କ ପିଠା ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଅନେକ ଗରିବ ଲୋକ ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ପିଠା ଯୋଜନା ସମ୍ପର୍କରେ ଜିପିଓ କହିଛନ୍ତି ଯେ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ୯ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନେ ଏହାର ତଦାରଖ କରୁଛନ୍ତି।



ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର ଅଫିସ, ୧୭।୧୨**

ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ୟାମିନୀ ଷଡ଼ଙ୍ଗୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରରେ ମୋଟ ୭୫ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୯, ଗାଁ ସମସ୍ୟା ସମ୍ପର୍କିତ ୭, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ ଓ ରେଡକ୍ରସ ପାଣ୍ଠିରୁ ସହାୟତା ନେଇ ୪ଟି ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡିକ ମଧ୍ୟରେ ଇନ୍ଦିରା ଆବାସ/ବିଜୁ ପକ୍କାଘର ୧୩, ଭତ୍ତା ୪, ରାସନ କାର୍ଡ ୪, ଆଇନ ସହାୟତା ୫, ଜମିଜମା ସମସ୍ୟା ୧୦, ଚାକିରି ସମସ୍ୟା ୩ ଓ ଅନ୍ୟାନ୍ୟ ୨୦ଟି ରହିଛି। ତେବେ ଏଥିରେ ଶୁଣାଣି ହୋଇଥିଲା ୫୪ ଅଭିଯୋଗ। ଶିବିରରେ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଆର୍, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଭାରପ୍ରାପ୍ତ ଅଭିଯୋଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ନେଉଛନ୍ତି।

## କଲେଜରେ ବାଳିକା ଆତ୍ମସୁରକ୍ଷା କୌଶଳ ଉଦ୍‌ଘାଟିତ

**ରଘୁନାଥପୁର, ୧୭।୧୨( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କୃତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜରେ ବାଳିକା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ସଲିଳା ପ୍ରିୟଦର୍ଶନୀଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଅଧକ୍ଷ ଦିଲୀପ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଶିକ୍ଷା ସହିତ ନିଜର ସୁରକ୍ଷା ପାଇଁ ଏହି ତାଲିମ ନେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଜିଲା ସଂଯୋଜକ ଭଗବାନ ଦାସ, ଅଧ୍ୟାପିକା ଡ. ଦୀପ୍ତିମୟୀ ଜେନା, ରଞ୍ଜିତା ମହାନ୍ତି ପ୍ରମୁଖ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ସୋମବାରଠାରୁ ଏହି ତାଲିମ ୧୨ ଦିନ ଧରି ଚାଲିବ। ଏଥିରେ ୭୩ ଜଣ ଛାତ୍ରୀ ଉପସ୍ଥିତ ହୋଇ ତାଲିମ ନେବେ। ମାଷ୍ଟର ଟ୍ରେନର ଭାବେ ରେଖାରାଣୀ ମଲ୍ଲିକ ଓ ରଶ୍ମିତା ବିଶ୍ୱାଳ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଉଦ୍‌ଯାପନୀ ଅବସରରେ ଛାତ୍ରୀମାନେ ଶିଖିଥିବା ସୁରକ୍ଷା କୌଶଳକୁ ଉପସ୍ଥିତ ଜଜ୍‌ଙ୍କ ନିକଟରେ ଦେଖାଇବେ ବୋଲି ପ୍ରୋଗ୍ରାମ ଅଫିସର ପ୍ରିୟଦର୍ଶିନୀ କହିଥିଲେ। ଏହାଛଡା ଶିବିରରେ ଛାତ୍ରୀମାନଙ୍କୁ ରିଆକ୍ଟ ନାମକ ଏକ ପତ୍ରିକା ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ସେମାନେ ଏ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିପାରିବେ। ରବୀନ୍ଦ୍ର ଦାସ ଓ ଦୈତାରୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକ

**ଜଗତ୍‌ସିଂହପୁର ଅଫିସ,୧୭।୧୨**

ଜଗତ୍‌ସିଂହପୁର ମାଟିର ସୁଯୋଗ୍ୟ ସନ୍ତାନ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକ ରବିବାର ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟ ମା ପୂର୍ଣ୍ଣମାସୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସୁବର୍ଣ୍ଣ ବରାହୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ବାବାଜୀ ଦାମୋଦର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପଣ୍ଡିତ ବିଶ୍ୱନାଥ ଶତପଥୀ, ଶପଥ ମହାପାତ୍ର, କବି ଡାକ୍ତର ତାରକା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବାବା ମଧୁସୂଦନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଆଧ୍ୟାତ୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। ଏଥିରେ ବାବାଜୀ ଦିବାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ପରମହଂସ ପ୍ରଜ୍ଞାନନ୍ଦ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ, ମହନ୍ତ ଚିନ୍ତାମଣୀ ପର୍ବତଗୋସ୍ୱାମୀ ପ୍ରମୁଖ ଯୋଗଦେଇ ବାବା ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରୀତିରଞ୍ଜନ ଦାସ, ଭଗବାନ ଦାସ, କାଶୀ ନନା ପ୍ରମୁଖ ମଞ୍ଚ ପରିଳନା କରିଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ତିର୍ତ୍ତୋଲ,୧୭।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ହୁକୁଟଲା ଛକସ୍ଥିତ ସିଂହବାହିନୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମଣିଜଙ୍ଗା ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା, କଂଗ୍ରେସ ଏସସି ସେଲ୍‌ର ଅଧକ୍ଷ ବିଭୂ ପ୍ରସାଦ ତରାଇ, ଜିଲା କଂଗ୍ରେସ କମିଟି ଉପସଭାପତି ସନ୍ତୋଷ କୁମାର ଦାସ, ପାରାଦୀପ ନଗର କଂଗ୍ରେସର ପୂର୍ବତନ ସଭାପତି ରଞ୍ଜନ କୁମାର ଦାସ, ପାରାଦୀପ ନିର୍ବାଚନମଣ୍ଡଳୀ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ରାଜ୍ୟ କିଷାନ ସେଲ୍ ସମ୍ପାଦକ ବିଶ୍ୱନାଥ ପାଣି, ତିର୍ତ୍ତୋଲ ୨ ନଂ. ଜୋନ ସଭାପତି ପ୍ରହଲାଦ ସାହୁ, ଅକ୍ଷୟ କୁମାର ଦାସ, ଅମର କୁମାର ରାଉତ, ଦେବେନ୍ଦ୍ର କୁମାର ସ୍ୱାଇଁ, ଶଶଧର ମଲ୍ଲିକ ପ୍ରମୁଖ ଯୋଗଦେଇ ୩ ରାଜ୍ୟରେ ଦଳର ସଫଳତା ପାଇଁ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିରୋଧୀ ଦଳକୁ ସମାଲୋଚନା କରିବା ସହିତ କଂଗ୍ରେସକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆଲୋଚନା କରାଯାଇଥିଲା। କୈଳାସ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସ୍ୱାଇଁ, ଉଲ୍ଲାସ ଚନ୍ଦ୍ର ସାହୁ, ମୋହନ ସୁନ୍ଦର ସାହୁ, ଦେବବ୍ରତ ଲେଙ୍କା, ଯୁବ ସଂଗଠକ ଶ୍ରୀନାଥ ଖୁଣ୍ଟିଆ, ସୁବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ସାଙ୍ଗଠନିକ ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

## ୪ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ



ପିଠା କାର୍ଯ୍ୟକ୍ରମରେ ବିଧାୟିକା ରାଜଶ୍ରୀ ମଲିକ ଓ ଅନ୍ୟମାନେ।

**ବିରିଡ଼ି/ବାଲିଆ, ୧୭।୧୨(ଡି.ଏନ.ଏ.)**

ବିରିଡ଼ି ବ୍ଲକର ଅରଣା, ଶଙ୍ଖପୁର, ବତିମୀରା ଓ ବଡ଼ଖଣ୍ଡୟତା ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅରଣା ପଞ୍ଚାୟତରେ ସରପଞ୍ଚ ସ୍ୱଦେସ୍ନା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ସିଂ, ସମିତିସଭ୍ୟା ମାମିନା ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶଙ୍ଖପୁର ପଞ୍ଚାୟତରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ସରପଞ୍ଚ ରଶ୍ମୀରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଏଠାରେ ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସମିତିସଭ୍ୟ କମଳା ଭୋଇ ଓ ବିଜେଡି ଯୁବ ନେତା ଶାନ୍ତିବ୍ରତ ଜେନା ଯୋଗଦେଇ ପିଠା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବତିମୀରା ପଞ୍ଚାୟତରେ ବିଧାୟିକା ରାଜଶ୍ରୀ ମଲ୍ଲିକ, ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ, ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ଆମ୍ବା ଅଧକ୍ଷ ସବିତା ଦାସ ଯୋଗ ଦେଇଥିଲେ। ବଡ଼ଖଣ୍ଡୟତା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବାବୁଲି ଚରଣ ସ୍ୱାଇଁ, ସମିତିସଭ୍ୟା ସୁନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶଙ୍ଖପୁର ପଞ୍ଚାୟତରେ ୨, ବତିମୀରା ପଞ୍ଚାୟତର ୧, ଅରଣାରେ ୧ ଓ ବଡ଼ଖଣ୍ଡୟତାର ୪ କଳାକାରଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟକ୍ରମସ୍ଥଳକୁ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ପରିଦର୍ଶନ କରିଥିଲେ। ପ୍ରତି ପଞ୍ଚାୟତରେ ଏସଏଚଜି ଗ୍ରୁପର ମହିଳାମାନେ ପିଠା ବଣ୍ଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା।

## ୨ ବଖରା ଜଳିଗଲା

**ପାରାଦୀପ,୧୭।୧୨(ସ୍ୱ.ପ୍ର.):** ପାରାଦୀପର ୧୭ନଂ ୱାର୍ଡ ଷଣ୍ଢକୁଦ ବସ୍ତିରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ବଖରା ଜଳି ପାଉଁଶ ହୋଇଯାଇଛି। ଖବର ପାଇ ବନ୍ଦର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ବସ୍ତିରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଚାଳଘର ରହିଛି। ଅଗ୍ନିକାଣ୍ଡ ହେବାପରେ ବସ୍ତି ଲୋକେ ଛାନିଆ ହୋଇ ଯାଇଥିଲେ। ହେଲେ ନିଆଁ ଅନ୍ୟ କାହା ଘରକୁ ବ୍ୟାପି ନ ଥିଲା।

## ଆହ୍ୱାନ କମ୍ୱାଇନ୍ସକୁ ପ୍ରକୃତିବନ୍ଧୁ ପୁରସ୍କାର

**ପାରାଦୀପ,୧୭।୧୨(ସ୍ୱ.ପ୍ର.)**

ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ୱାଇନ୍ସକୁ ଜଗତ୍‌ସିଂହପୁରରେ ରବିବାର ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜିଲାର ୪ବ୍ଲକରେ ଗୋଟିଏ ଲେଖାଏ ଅନୁଷ୍ଠାନକୁ ଏହି ପୁରସ୍କାର ପ୍ରତିବର୍ଷ ମିଳୁଛି। ଏହି କ୍ରମରେ ଚଳିତ ବର୍ଷ କୁଜଙ୍ଗ ବ୍ଲକ ପାଇଁ ଏହି ଅନୁଷ୍ଠାନକୁ ମିଳିଛି। ଜଗତ୍‌ସିଂହପୁରଠାରେ ଆୟୋଜିତ ଯୁବ ସମାବେଶରେ ବିଧାୟକ ପ୍ରଶାନ୍ତ ମୁଦୁଲି ସଙ୍ଗଠନ ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଇଜର ବୈଜ୍ଞାନିକ ଅଭୟ ନାୟକ, ଜିଲାଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

■ ୨୩ରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମାବେଶ

# ନେତୃତ୍ୱକୁ ନେଇ ଦ୍ୱନ୍ଦ୍ୱରେ କର୍ମୀ

**ପାରାଦୀପ,୧୭।୧୨(ସ୍ୱ.ପ୍ର)**

**ଗୋଲମାଳିଆ ପାରାଦୀପ ରାଜନୀତି**
- ବିଜେଡି ନେତାଙ୍କ ଟାର୍ଗେଟରେ ଦାମ
- ବିରୋଧୀ ଦଳକୁ ଛାଡି ବିଜେଡି ଉପରେ ବର୍ଷୁଛନ୍ତି ଦାମ
- ଭାଜପା ଓ କଂଗ୍ରେସକୁ ସୁହାଉଛି ପାଗ

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ଆଗରେ ପୁଣି ଥରେ ଆସନ୍ତା ୨୩ ତାରିଖରେ ବିଜେଡି କରିବ ମହାସମାବେଶ। ଏଥର ବିଜୁ ଶ୍ରମିକ ସାମୁଖ୍ୟ ବ୍ୟାନରରେ ସମାବେଶ ହେବ। ଗତ ନଭେମ୍ବର ୮ରେ ବିଜେଡି ପକ୍ଷରୁ ବିରାଟ ସମାବେଶ କରାଯାଇଥିଲା। ସେହି ସଭାରେ ଉପକୂଳ ଜିଲାର ଛାମୁଆ ନେତା ଓ ମନ୍ତ୍ରୀମାନେ ଯୋଗ ଦେଇଥିଲେ। ଭାଷଣରେ ସେମାନେ କେନ୍ଦ୍ର ସରକାର ବା ବିରୋଧୀ ଦଳ ବିରୋଧରେ ଯେତିକି କହି ନ ଥିଲେ, ତାଠାରୁ ଅଧିକ ବର୍ଷିଥିଲେ ଦଳରୁ ବହିଷ୍କୃତ ନେତା ତଥା ସ୍ଥାନୀୟ ବିଧାୟକ ଦାମୋଦର ରାଉତଙ୍କ ଉପରେ। ଏଥର ସମାବେଶରେ ଆହୁରି ଅଧିକ ନେତା ମନ୍ତ୍ରୀ ଯୋଗ ଦେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ସମାବେଶକୁ ଅବିଭକ୍ତ କଟକ ଜିଲାରୁ ପ୍ରାୟ ୨୦ ହଜାର ଲୋକ ଓ ସମସ୍ତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଆସିବେ। ଏ ସମସ୍ତ କାର୍ଯ୍ୟକ୍ରମ ବିଜେଡି ପକ୍ଷରୁ ହେଉଥିଲେ ମଧ୍ୟ କାହା ନେତୃତ୍ୱରେ ହେବ ତାହା ସ୍ପଷ୍ଟ କରାଯାଇନାହିଁ। ତେଣୁ ନେତୃତ୍ୱକୁ ନେଇ କର୍ମୀ ଏବେ ମଧ୍ୟ ଦ୍ୱନ୍ଦ୍ୱରେ ଅଛନ୍ତି।

ସେପ୍ଟେମ୍ବର ୧୨ରେ ବିଜେଡିରୁ ଦାମ ବହିଷ୍କୃତ ହୋଇଥିଲେ। ସେବେଠାରୁ ପାରାଦୀପରେ ଦଳ ନେତୃତ୍ୱ ବିହୀନ ହୋଇ ରହିଛି। ୨୦୧୯ ପାଇଁ ଅନେକ ଆଶାୟୀ ଅଛନ୍ତି। ଏହା ମଧ୍ୟରେ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀରେ ୬ରୁ ଊର୍ଦ୍ଧ୍ୱ ଥର ଦଳୀୟ ସଭା ହୋଇସାରିଲାଣି। ଏଥିରେ ସବୁ ନେତାଙ୍କ ଅପେକ୍ଷା କଟକ ସଦର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବକ୍ତବ୍ୟ ଭିନ୍ନ ରହୁଛି। ଏପରି କି ସେ କେତେଥର ଖୋଲାଖୋଲି କହିସାରିଲେଣି ଯେ ଦଳ ତାଙ୍କୁ ସୁଯୋଗ ଦେଲେ ସେ ପାରାଦୀପ ନିର୍ବାଚନମଣ୍ଡଳୀ ଲୋକଙ୍କ ସେବା କରିବେ। ସବୁ ସଭାରେ ସେ ଦାମଙ୍କୁ ଟାର୍ଗେଟ କରୁଛନ୍ତି। ତେଣୁ ସେ ଏଠାରେ ଦଳର ନେତୃତ୍ୱ ନେବେ ବୋଲି କୁହାଯାଉଛି। ମାତ୍ର ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଦୁଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ପ୍ରତାପ ଜେନା ନେତୃତ୍ୱ ସମ୍ପର୍କରେ ପଦଟିଏ ବି କହିନାହାନ୍ତି। ଦଳ ମୁଖ୍ୟାଳୟରୁ ମଧ୍ୟ ସେପରି କାହା ନାମ ଆସିନାହିଁ।

ବିଜେଡିର ଏଭଳି ନେତୃତ୍ୱ ବିହିନ ସ୍ଥିତି କଂଗ୍ରେସ ଓ ଭାଜପାକୁ ସୁହାଉଛି। ଦୁଇ ଦଳର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରୁଛନ୍ତି। ଅନ୍ୟ ଏକ ପ୍ରସଙ୍ଗ ହେଲା ଦାମ ବିଜେଡିରେ ଥିବାବେଳେ ସବୁବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଷ୍ଣୁ ଦାସ, କଂଗ୍ରେସର ବାପି ସର୍ଖେଲ, ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ଓ ଭାଜପାର ନିର୍ମଳ ସ୍ୱାଇଁଙ୍କ ବିରୋଧରେ ବିଷୋଦଗାର କରୁଥିଲେ। କିନ୍ତୁ ବିଜେଡିରୁ ବହିଷ୍କୃତ ହେବା ପରେ ସେ ୪ଥର ସଭା କରିଥିଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ପୁରୁଣା କଥା କହୁନାହାନ୍ତି। ଏବେ ଭାଜପା ଓ କଂଗ୍ରେସକୁ ଛାଡି ମୁଖ୍ୟମନ୍ତ୍ରୀ ଓ ବିଜେଡି ନେତାଙ୍କୁ ଟାର୍ଗେଟ କରୁଛନ୍ତି। କୁହାଯାଉଛି ଗତ ୧୪ ତାରିଖରେ ହୋଇଥିବା ଦାମଙ୍କ ଜୟନ୍ତୀ ସଭାକୁ କଂଗ୍ରେସ କର୍ମୀମାନେ ୩୦୦ରୁ ଅଧିକ ଲୋକ ପଠାଇଥିଲେ। ଦାମଙ୍କ ଗତି ମଧ୍ୟ କଂଗ୍ରେସ ସପକ୍ଷରେ ରହୁଛି। ବିଜେଡିର ନେତୃତ୍ୱ ଶୂନ୍ୟ ସ୍ଥିତିରେ କେତେକେ ସ୍ଥାନରେ କର୍ମୀଙ୍କ ଦଳବଦଳ ଘଟିଲାଣି। ତେଣୁ ବର୍ତ୍ତମାନ ପାରାଦୀପ ରାଜନୀତି ଏକ ପ୍ରକାର ଗୋଳମାଳିଆ ସ୍ଥିତିରେ ରହିଛି। ଏ ସମ୍ପର୍କରେ ବିଜେଡିର ଜଣେ ଟାଣୁଆ ନେତା କହିଛନ୍ତି ଯେ, ଦଳ ଠିକ୍ ସମୟରେ ଉପଯୁକ୍ତ ନେତୃତ୍ୱ ଚୟନ କରିବ। ନବୀନଙ୍କ ନେତୃତ୍ୱରେ ସବୁ କର୍ମୀ ଏକଜୁଟ ହେବେ। ସମ୍ଭବତଃ ଆସନ୍ତା ଡିସେମ୍ବର ୨୬ ଦଳ ପ୍ରତିଷ୍ଠା ଦିବସ ପରେ ପାରାଦୀପ ନେତା ସ୍ପଷ୍ଟ ହୋଇଯିବ।

## ସଂକ୍ଷେପରେ

### ଡମ୍ଫର-ଟ୍ରକ୍ ଧକ୍କା: ୨ ଗୁରୁତର

**କୋରେଇ,୧୭।୧୨(ସ୍ୱ.ପ୍ର.):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥର ଚାନ୍ଦପୁର ଛକଠାରେ ସୋମବାର ସକାଳୁ ଡମ୍ଫର-ଟ୍ରକ୍ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ଖବରପାଇ ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଜପୁରରୋଡ ଦମକଳ ବାହିନୀ ସହାୟତାରେ ଗୁରୁତରଙ୍କୁ ଯାଜପୁରରୋଡ କ୍ଷେତ୍ରିୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣାରୁ ପ୍ରକାଶ ଯେ, ଏକ କୋଇଲା ବୋଝେଇ ଟ୍ରକ୍ (ଓଡି-୩୫-ସି-୫୭୨୫) ପାଣିକୋଇଲି ଆଡ଼କୁ ଆସୁଥିଲା। ଏହି ସମୟରେ ଚାନ୍ଦପୁର ଛକରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଚିପ୍ସ ବୋଝେଇ ଡମ୍ଫର(ଓଆର-୧୬ଡି-୧୧୪୮)କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଚାଳକ ଓ ଖଲାସୀ ଟ୍ରକ ଭିତରେ ଚାପି ହୋଇଯାଇଥିଲେ। ଗୁରୁତରଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି।

### ସାରଙ୍ଗପୁର ପଞ୍ଚାୟତରେ ପିଠା ଯୋଜନା

**ଡୁବୁରୀ, ୧୭।୧୨(ଡି.ଏନ୍.ଏ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ପଞ୍ଚାୟତ କାର୍ଯ୍ୟାଳୟରେ ପିଠା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ୫ ଜଣଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସରପଞ୍ଚ ଶରତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଭିଏଲ ଡବ୍ଲ୍ୟୁ କୃଷ୍ଣଚନ୍ଦ୍ର ଦାସ, ବ୍ଲକ ସଂଯୋଜକ ମାନସ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ସ୍ୱଂୟ ସହାୟିକା ଗୋଷ୍ଠୀର ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପିଠା ପରିବେଷଣ କରାଯାଇଥିଲା।

### ଡାକଯୋଗେ ଜମିପଟ୍ଟା ପ୍ରେରଣ କାର୍ଯ୍ୟକ୍ରମ

**ଧର୍ମଶାଳା, ୧୭।୧୨(ଡି.ଏନ୍.ଏ.):** ଯାଜପୁର ଜିଲାରେ ପ୍ରଥମ କରି ସୋମବାର ଧର୍ମଶାଳା ତହସିଲରେ ଡାକଯୋଗେ ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ୫ଜଣ ଜମି ମାଲିକଙ୍କୁ ଡାକଯୋଗେ ଜମି ପଟ୍ଟା ପ୍ରଦାନ ପାଇଁ ପୋଷ୍ଟମାଷ୍ଟରଙ୍କୁ ତହସିଲ ଅଫିସରେ ପଟ୍ଟା ପ୍ରଦାନ କରାଯାଇଛି। ଜମି ପଞ୍ଜୀକରଣ ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜମି ମାଲିକଙ୍କ ଘରକୁ ପଟ୍ଟା ପଠାଇ ଦିଆଯିବ ବୋଲି ତହସିଲଦାର ଶୀତଲ ଅଗ୍ରୱାଲା ସୂଚନା ଦେଇଛନ୍ତି। ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ଦାୟିତ୍ୱରେ ଥିବା ମୁଖ୍ୟ କିରାଣୀ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ପୋଷ୍ଟମାଷ୍ଟର୍ ଆଶିଷ କୁମାର ଦାସ, କାଏମା ପୋଷ୍ଟମାଷ୍ଟରଙ୍କ ସମେତ ତହସିଲର ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ନିର୍ବାଚନୀ କାର୍ଯ୍ୟ ବନ୍ଦ ଧମକ

## ବିଡିଓଙ୍କ ବିରୋଧରେ ଜିଲାପାଳଙ୍କୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ପତ୍ର

**ସୁକିନ୍ଦା,୧୭।୧୨(ଡି.ଏନ୍.ଏ)**

ସୁକିନ୍ଦା ବ୍ଲକରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବିଡିଓଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ଏହା ପ୍ରତିବାଦରେ ସୋମବାର ଜିଲାପାଳଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ସେମାନେ ନିର୍ବାଚନୀ କାର୍ଯ୍ୟ କରିବେ ନାହିଁ ବୋଲି ଜଣାଇଛନ୍ତି। ସେମାନେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କୁ ସାକ୍ଷାତ କରି ଏହାର ଏକକିତା ନକଲ ମଧ୍ୟ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ମଣିପ୍ରସାଦ ମିଶ୍ର ଉକ୍ତ ବ୍ଲକରେ ବିଏଲଓ ଏବଂ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଯଥାରେ ହଇରାଣ କରୁଛନ୍ତି। ଏହା ସହିତ ବିଭିନ୍ନ ସମୟରେ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ହଠାତ୍ ମିଟିଂ ଡକାଉଥିବା ବେଳେ କେହି କୌଣସି କାରଣରୁ ସାମାନ୍ୟ ବିଳମ୍ବରେ ପହଞ୍ଚିଲେ ତାଙ୍କୁ ଗାଳି କରୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ବିଡିଓ ଅନେକ ସମୟରେ ବୈଠକ ଡକାଇ ଅପରାହ୍ନ ପର୍ଯ୍ୟନ୍ତ ଅପେକ୍ଷା କରାଉଥିବରୁ ଖଣି ଅଞ୍ଚଳରୁ ଆସୁଥିବା ମହିଳା ବିଏଲଓମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ସମ୍ପର୍କରେ ସେମାନେ ବିଡିଓଙ୍କୁ କହିବା ପରେ ବିଡିଓ ଓଲଟା ସେମାନଙ୍କୁ ଚାକିରିରୁ ନିଲମ୍ବନ କରିବେ ବୋଲି ଧମକ ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରତି ସପ୍ତାହରେ ବୈଠକ ଆସିବାକୁ ବିଡିଓ ତାଗିଦ କରିବା ଛାତ୍ରୀଛାତ୍ରଙ୍କ ସହିତ ସେମାନଙ୍କୁ ଅଡୁଆରେ ପକାଉଛି। ନିର୍ବାଚନ ସମ୍ପର୍କିତ ଦିଲ୍ଲୀରୁ ଫୋନ ଆସିଲେ ସେମାନଙ୍କ ଛଡା ପରିବାରର ଆଉ କେହି କଲ ଗ୍ରହଣ କଲେ ସେମାନଙ୍କୁ ଚାକିରି ହରାଇବାକୁ ପଡିବ ବୋଲି କହିଛନ୍ତି। ଏହି ସବୁ କାରଣରୁ ଶିକ୍ଷୟିତ୍ରୀଶିକ୍ଷକମାନେ ଏହି କାର୍ଯ୍ୟ ତାଙ୍କ ମୂଳ ଲକ୍ଷ୍ୟରୁ ବାହାରେ ବୋଲି କହିବା ସହିତ ଆଉ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ନ କରିବା ପାଇଁ ନିଷ୍ପତ୍ତି ନେଇଥିବା ପତ୍ର ଜରିଆରେ ଜଣାଇଛନ୍ତି। ଏ ସମ୍ବନ୍ଧରେ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ପଚାରିବାରେ, ସେମାନେ କାର୍ଯ୍ୟରେ ଅବହେଳା କରୁଥିବାରୁ ସେ ତାଗିଦ କରିଥିବା କହିଥିଲେ। କିନ୍ତୁ ସେମାନଙ୍କୁ ଦୁର୍ବ୍ୟବହାର କରିବା କଥାକୁ ଖଣ୍ଡନ କରିଛନ୍ତି। ଠିକ ଢଙ୍ଗରେ ନିଜର କର୍ତ୍ତବ୍ୟ ସମ୍ପାଦନା କରିବାକୁ ସେ ସଦା ତତ୍ପର ବୋଲି କହିଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ରତ୍ନଗିରି,୧୭।୧୨(ଡି.ଏନ୍.ଏ.):** ବରୀ ବ୍ଲକ କୋରଡାପିପିଲ ଗ୍ରାମରେ ରବିବାର ସକାଳେ ଆକସ୍ମିକ ଅଗ୍ନିକାଣ୍ଡରେ ପ୍ରେମାନନ୍ଦ ପାତ୍ରଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଘରର ସମସ୍ତ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବରୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


■ ଡେଙ୍ଗୁରେ ମହିଳାଙ୍କ ମୃତ୍ୟୁ ଘଟଣା

# ଧରମପୁରରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ



ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

**ସିଂହପୁର,୧୭।୧୨(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଧରମପୁର ଗ୍ରାମରେ ଦୁର୍ଯ୍ୟୋଧନ ଓଝାଙ୍କ ସ୍ତ୍ରୀ ଧରିତ୍ରୀଙ୍କର ଡେଙ୍ଗୁରେ ମୃତ୍ୟୁ ହେବା ପରେ ଗ୍ରାମରେ ଡେଙ୍ଗୁ ଆତଙ୍କ ବଢିଯାଇଛି। ଏ ସଂକ୍ରାନ୍ତରେ ଧରିତ୍ରୀରେ ଖବର ପ୍ରକାଶ ପାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରିଥିବାବେଳେ ବିଭାଗର କର୍ମଚାରୀମାନେ ଗ୍ରାମକୁ ଯାଇ ଡେଙ୍ଗୁ ନିରକରଣ ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ରଜତ କୁମାର କରଙ୍କ ନେତୃତ୍ୱରେ ସୋମବାର ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରସନ୍ନ କୁମାର ନାୟକ, ଏମଟିଏସ ବନ୍ଦନା ସାମଲ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୁଲୋଚନା ରଥ, ଆଶାକର୍ମୀ ବିଚିତ୍ରା ପଣ୍ଡା ପ୍ରମୁଖ ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟିବା ସହ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅପାରଗତା ଓ ଚିକିତ୍ସା ଅଭାବରୁ ଧରିତ୍ରୀଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଦର୍ଶାଇଥିଲେ। ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ତଦନ୍ତ କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## କୋଇଲା ଟ୍ରକ୍ ଲୁଟ୍ ଘଟଣା, ୨ ଗିରଫ

**କଳିଙ୍ଗନଗର, ୧୭।୧୨(ଡି.ଏନ୍.ଏ.)**

କଳିଙ୍ଗଗନଗର ଶିଳ୍ପାଞ୍ଚଳ ତେଲିବାହାଳି ଛକ ପେଟ୍ରୋଲ ପମ୍ପ ନିକଟରୁ ଏକ କୋଇଲା ବୋଝେଇ ଟ୍ରକ୍ ଲୁଟ ଘଟଣାରେ ରବିବାର ଜଖପୁରା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଯାଜପୁର ରୋଡ ଥାନା କୋପଣ୍ଡ ଗ୍ରାମର ପ୍ରମୋଦ କୁମାର ବଳ(୪୫) ଓ ଖଣ୍ଡାହତା ଗ୍ରାମର ଶକ୍ତିରଞ୍ଜନ ନାୟକ(୩୨)। ଏ ନେଇ ପୋଲିସ ଏକ ମାମଲା (୯୩/୨୦୧୮)ରେ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତଥିବା ଅନ୍ୟ ଦୁଇ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗତ ୨୭ ତାରିଖରେ ସୁନ୍ଦରଗଡ ବସୁନ୍ଧରା କୋଇଲା ମାଇନ୍ସରୁ କୋଇଲା ଲୋଡିଂ କରି ଉକ୍ତ ଟ୍ରକ୍‌ଟି କଳିଙ୍ଗନଗର ଶିଳ୍ପାଞ୍ଚଳ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ କାରଖାନାକୁ ଆସୁଥିଲା। ତେଲିବାହାଳି ଛକ ନିକଟରେ ଗାଡିଟିକୁ ରଖି ଡ୍ରାଇଭର ଶୋଇଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ଡ୍ରାଇଭରଙ୍କୁ ମାଡମାରି ଗାଡିଟିକୁ ଲୁଟ୍ ନେଇଥିଲେ। ଖବର ପାଇ ଗାଡି ମାଲିକ ଯଖପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

## ସିଂହପୁରରେ ଲକ୍ଷ୍ମୀନାରାୟଣ ପୂଜା

**ସିଂହପୁର,୧୭।୧୨(ଡି.ଏନ୍.ଏ.)**

ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ରବିବାର ଧନୁ ସଂକ୍ରାନ୍ତିଠାରୁ ଲକ୍ଷ୍ମୀ ନାରାୟଣ ପୂଜା ଆରମ୍ଭ ହୋଇଛି। ସ୍ଥାନୀୟ ଲୋକେ ରୀତିନୀତିରେ ପୂଜା କରୁଛନ୍ତି। ସଂକୀର୍ତ୍ତନ ବାଣ ରୋଷଣିରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ପେଟ୍ରୋଲ ପମ୍ପ ନିକଟରୁ ଲୁଟ୍

## ବନ୍ଧୁକ ମୁନରେ ଲୁଟିନେଲେ ଲକ୍ଷାଧିକ ଟଙ୍କା

**କଳିଙ୍ଗନଗର, ୧୭।୧୨(ଡି.ଏନ୍.ଏ):** ଦାନଗଦୀ ଛକ ନିକଟ ଗୀତା ପେଟ୍ରୋଲପମ୍ପ ନିକଟରେ ସୋମବାର ଏକ ବଡ଼ଧରଣର ଲୁଟ୍ ହୋଇଛି। ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୩ ଲକ୍ଷ ୩୨ ହଜାର ଟଙ୍କା ଲୁଟି ନେଇଥିବା ଦାନଗଦୀ ଫାଣ୍ଡିରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ପେଟ୍ରୋଲପମ୍ପ ମ୍ୟାନେଜର ସରୋଜ ସାହୁ ବ୍ୟାଗରେ ଟଙ୍କାଧରି ଡିପୋଜିଟ କରିବା ପାଇଁ ବାଇକ୍‌ରେ ବ୍ୟାଙ୍କ ଯାଉଥିଲେ। ଏହି ସମୟରେ ପେଟ୍ରୋଲ ପମ୍ପଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ଦାନଗଦୀ ଫାଣ୍ଡି ସମ୍ମୁଖରୁ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ସରୋଜଙ୍କଠାରୁ ଟଙ୍କା ବ୍ୟାଗ୍ ଲୁଟି ନେଇଥିଲେ। ପରେ ଘଟଣା ସମ୍ପର୍କରେ ସରୋଜ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଖାନ୍‌ତଲାସ ଆରମ୍ଭ କରିଥିବାବେଳେ ଖବର ଲେଖାହେବାପର୍ଯ୍ୟନ୍ତ ପୋଲିସ ଲୁଟେରାଙ୍କ କୌଣସି ଟେର୍ ପାଇପାରି ନଥିବା ଜଣାପଡିଛି।






## ଧାନ ମଣ୍ଡିରେ ୨୨୫ ଚାଷୀ ପଞ୍ଜୀକୃତ

**ଡୁବୁରୀ, ୧୭।୧୨(ଡି.ଏନ୍.ଏ.)**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସୁକିନ୍ଦା ଶାଖା ଅଧୀନ ଡୁବୁରି ପ୍ରାଥମିକ କୃଷୀ ସେବା ସମବାୟ ସମିତି ପକ୍ଷରୁ ୨୦୧୮-୧୯ବର୍ଷ ପାଇଁ ଧାନକ୍ରୟ ମଣ୍ଡି ସୋମବାର ଆରମ୍ଭ ହୋଇଯାଇଛି। ଏହି ଅବସରରେ ସମିତିରେ ୨୨୫ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି। ସମିତି ଉପ ସଭାପତି ପ୍ରଶାନ୍ତ କୁମାର ରାଉତ ଅତିଥିଭାବେ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତିର ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମଣ୍ଡିକୁ ସରକାର ଧାର୍ଯ୍ୟ କରିଥିବା ଏଫ୍‌ଏକ୍ୟୁ ମାନର ଧାନ ଆଣି ଚାଷୀମାନେ କ୍ୱିଣ୍ଟାଲ ପିଛା ୧୭୫୦ ଟଙ୍କା ମୂଲ୍ୟରେ ବିକ୍ରୀ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ଶାଖା ପରିଚାଳକ ଦେବେନ୍ଦ୍ର କୁମାର ଦେଓ, ଏରିଆ ଅଫିସର ଭାଗମାତ ମାରାଣ୍ଡି, ନିର୍ଦ୍ଦେଶକ କୁମୁଦବନ୍ଧୁ ଦାସ, ମଧୁସୁଦନ ମହାନ୍ତ, ଆରଆଇ ଡୁବରୀ ସର୍କଲ, ଭିଏଲଡବ୍ଲ୍ୟୁ ସୁକିନ୍ଦା, ମିହାର ରଞ୍ଜନ ବଳ, ସୌମ୍ୟରଞ୍ଜନ ମହାନ୍ତି, ଆର୍‌ଏମ୍‌ସି ମାର୍କେଟିଂ ଗାର୍ଡ ଦିଲ୍ଲୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟପୁର, କୋଦମପାଳ ବିଜୟୀ

### କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ

**ଧର୍ମଶାଳା, ୧୭।୧୨(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀର କୋଡପୁର ପଞ୍ଚାୟତ ମା' ଜାଗୁଳାଇ ଖେଳ ପଡ଼ିଆରେ ଆୟୋଜିତ ୪ର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୫ନଂ ଜୋନ୍‌ସ୍ତରୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଯଥାକ୍ରମେ ପାଟପୁର ଓ କୋଦମପାଳ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଦେଓଦା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୭ ଉଇକେଟ ହରାଇ ୧୩୪ ରନ୍ ସଂଗ୍ରହ କରିଥିଲା। ଜବାବରେ କଦମପାଳ ଦଳ ୧୫ ଓଭର୍‌ରେ ୭ ଉଇକେଟ ହରାଇ ୧୩୫ ରନ୍ କରି ବିଜୟୀ ହୋଇଥିଲେ। ଏହିପରି ଦ୍ୱିତୀୟ ମ୍ୟାଚରେ ଅରାବଳ ଦଳ ବ୍ୟାଟିଂକରି ୧୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଜବାବରେ ପାଟପୁର ଦଳ ୯.୨ ଓଭର୍‌ରେ ୩ ଉଇକେଟ ହରାଇ ମ୍ୟାଚ୍‌ର ବିଜୟୀ ହୋଇଥିଲା। ଇନ୍ତେକାବ୍ ଆଲମ୍ ଓ ଦୀପକ ଜେନା ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ଅବିନାଶ ସାମଲ ସ୍କୋର୍‌ରେ ସହାୟତା କରିଥିଲେ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡିବ ନାହିଁ।
- ଇଡ୍‌ୱିନ୍ ହବେଲ୍ ଚାପିନ



# ବର୍ଷେ ଗଲାନି ସୌରଯନ୍ତ୍ର ପାନୀୟ ଜଳ ପ୍ରକଳ୍ପ

- ୧୫ ପ୍ରକଳ୍ପ ଅଚଳ, ସଜାଡିବାକୁ ଓରେଡାର ପତ୍ର
- ଯୋଗାଣକାରୀ ସଂସ୍ଥା ସହ ମୂଲଚାଲ
- ଅନୁଦାନ ଅର୍ଥ ବାଟମାରଣା ଅଭିଯୋଗ

ଯାଜପୁର ଅଫିସ,୧୭।୧୨

ସୌରଯନ୍ତ୍ର ପରିଚାଳିତ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଶକ୍ତି ଯୋଗାଇ ପାରିନାହିଁ। ଶାନ୍ତି ଆଶୋସିଏଟ ଦ୍ୱାରା ଯୋଗାଣ ହୋଇଥିବା ସୌରଯନ୍ତ୍ର ଅତି ନିମ୍ନମାନର ହୋଇଥିବାରୁ ଯାଜପୁର ଜିଲାର ୧୫ଟି ପ୍ରକଳ୍ପ ଏକ ବର୍ଷ ବି ଚାଲି ପାରିନାହିଁ । ବିଦ୍ୟୁତ ଶକ୍ତି ଅଭାବ ଥିବା ଅଞ୍ଚଳରେ ପାନୀୟ ଜଳ ସଙ୍କଟକୁ ଦୂର କରିବା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ସୌରଶକ୍ତି ଚାଳିତ ପମ୍ପ ଓ ମୋଟର ସ୍ଥାପନ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ କମ୍ପାନୀ ସହ ସଲାସୁତୁରା କରି ସୌରଯନ୍ତ୍ରଗୁଡିକ ସ୍ଥାପନ ହୋଇଥିବାରୁ ସେଗୁଡିକ ଦୀର୍ଘସ୍ଥାୟୀ ହୋଇପାରି ନାହିଁ। ଏହିକ୍ରମରେ ଓଡ଼ିଶା ରିନେବଲ ଏନର୍ଜି ଡେଭେଲପମେଣ୍ଟ ଏଜେନ୍ସି(ଓରେଡା) ପକ୍ଷରୁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସଏସ)ର ଚିଫ୍ ଇଞ୍ଜିନିୟର-୨ଙ୍କୁ ସୂଚିତ କରାଯାଇଛି । ସୂଚିତ ହୋଇଥିବା ପତ୍ରରେ ସୌରଯନ୍ତ୍ର ଚାଳିତ ପ୍ରକଳ୍ପଗୁଡିକ ବୋରୱେଲ ଅବସାଦ(କୋଲାପ୍ସ), ମୋଟର ଜାମ, କାଦୁଅ ପାଣି ଆଦି ଯୋଗୁ ଅଚଳ ହୋଇଥିବା ଦର୍ଶାଯାଇଛି । ତେଣୁ ଆଗକୁ ଖରା ମାସ ଆସୁଥିବାରୁ ଏହି ଅଚଳ ପ୍ରକଳ୍ପଗୁଡିକ ତୁରନ୍ତ ସଜାଡିବାକୁ ଓରିଡା ପକ୍ଷରୁ ଅନୁରୋଧ ହୋଇଛି।

ଯାଜପୁର ଜିଲାରେ ୩ଟି ପର୍ଯ୍ୟାୟରେ ପ୍ରାୟ ୧୦୦ଟି ସୌରଯନ୍ତ୍ର ଚାଳିତ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା ହୋଇଛି। ଏଥିରେ ଶାନ୍ତି ଆଶୋସିଏଟ ଯୋଗାଣକାରୀ ସଂସ୍ଥାକୁ ଅଧିକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ମନେହୋଇଛି। ନିମ୍ନମାନର ଯନ୍ତ୍ରାଂଶ ପ୍ରତିଷ୍ଠା କରି ଏହି କମ୍ପାନୀ ମାଲାମାଲ ହୋଇଥିବାବେଳେ ସାଧାରଣ ଲୋକଙ୍କ ପାନୀୟ ଜଳ ଚାହିଦା ପୂରଣ ହୋଇପାରି ନାହିଁ। ଓରିଡା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାରେ ୧୫ଟି ସୌର ପ୍ରକଳ୍ପ ଅଚଳ ହୋଇଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ସର୍ବାଧିକ ୨୮୧ ଦିନ ଚାଲିଛି। ଧର୍ମଶାଳା ବ୍ଲକ ତାଳଜଙ୍ଗ ଗ୍ରାମରେ ଏହି ପ୍ରକଳ୍ପ ଟାଟା ପାୱାର ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ବୋଲୱେଲ କୋଲାପ୍ସ ଯୋଗୁ ଏହା ମାତ୍ର ୨୧୫ ଦିନ ଚାଲିଛି । ସେହିପରି ଏହି ବ୍ଲକରେ ଶାନ୍ତି ଆସୋସିଏଟ ଦ୍ୱାରା ଯୋଗାଣ ହୋଇଥିବା ଏଣ୍ଡଳବା ବିଛାଖଣ୍ଡିର ମୁଣ୍ଡାସାହି ପ୍ରକଳ୍ପ ୨୧୯ ଦିନ, ପାଟପୁର ହରିଜନସାହି ପ୍ରକଳ୍ପ ୨୧୮ ଦିନ, ପାଟପୁର ବଡବାରିସାହି ପ୍ରକଳ୍ପ ମାତ୍ର ୧୩ଦିନ ଚାଲିଛି। ସୁକିନ୍ଦା ବ୍ଲକ ଗୋବରଘାଟି ମିର୍ଗିଚର ପ୍ରକଳ୍ପ ୧୭୭ଦିନ, ଚିଙ୍ଗୁଡିପାଳ ଛତନନଗର ମୁଣ୍ଡାସାହି ପ୍ରକଳ୍ପ ୧୬୯ଦିନ ଓ ଖରଡି ପ୍ରକଳ୍ପ ୨୧୧ ଦିନ ପାଣି ଯୋଗାଣ ହୋଇପାରିଛି । ଶିଳ୍ପ ବିସ୍ଥାପିତମାନେ ବାସ କରୁଥିବା ଦାନଗଦି ବ୍ଲକର କିଆଝର ପ୍ରକଳ୍ପ, ଚାନ୍ଦିଆ ଅଙ୍କୁଳପାଳ ପ୍ରକଳ୍ପ, ଚାନ୍ଦିଆ ବାଇସାହି ପ୍ରକଳ୍ପ ୧୭୮ ଦିନ ଲେଖାଏଁ ଚାଲିଥିବା କୁହାଯାଇଛି । ସେହିପରି ବଡଚଣା ବ୍ଲକର ପାରିଆ ସାବରସାହି ପ୍ରକଳ୍ପ ୨୮୧ ଦିନ, ଭୁଷଣପୁର ଆଦିବାସୀ ସାହି ପ୍ରକଳ୍ପ ୧୩୧ ଦିନ ଓ ଚାରିନଙ୍ଗଳ ଝାରକୁଳ ପ୍ରକଳ୍ପ ମାତ୍ର ୧୩ ଦିନ ଚାଲିଛି । ସମସ୍ତ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳଯୋଗାଣ କରିବାକୁ ସରକାର ବଦ୍ଧପରିକର ହୋଇଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ସୌରଚାଳିତ ପ୍ରକଳ୍ପ ଲୋକଙ୍କ କାମରେ ଆସିପାରି ନାହିଁ । ଏହି ସୌରଯନ୍ତ୍ର ଚାଳିତ ପ୍ରକଳ୍ପରେ କୋଟି କୋଟି ଟଙ୍କା ବାଟବାରଣା ହୋଇଥିବା ଅଭିଯୋଗ ଉଠିଛି। ଏପରିକି କେତେକ ପ୍ରକଳ୍ପ ଆରମ୍ଭରୁ କାର୍ଯ୍ୟରେ ଲାଗି ନ ଥିବା ବେଳେ ବିଭାଗୀୟ ଅଧିକାରୀ ମିଛ ରିପୋର୍ଟ ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସଏସର ନିର୍ବାହୀ ଯନ୍ତ୍ରୀଙ୍କୁ ଇଞ୍ଜିନିୟର-ଇନ-ଚିଫ ଅଚଳ ପ୍ରକଳ୍ପଗୁଡିକ ସମ୍ପର୍କରେ ତଦନ୍ତ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ପ୍ରକଳ୍ପଗୁଡିକ ନିମ୍ନମାନର ନୁହେଁ, ଅନ୍ୟାନ୍ୟ କାରଣରୁ ଅଚଳ ହୋଇଥିବା ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ବିଞ୍ଝାରପୁରରେ ଖୋଲିଲା ଧାନମଣ୍ଡି

ବିଞ୍ଝାରପୁର,୧୭।୧୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରାଥମିକ କୃଷି ସମବାୟ କେନ୍ଦ୍ର ପରିସରରେ ସୋମବାର ପୂର୍ବାହ୍ନରେ ସରକାରୀ ଧାନ କ୍ରୟ କେନ୍ଦ୍ର ଖୋଲାଯାଇଛି। ଏହି ଧାନକ୍ରୟ ମଣ୍ଡିକୁ ମୁଖ୍ୟ ଅତିଥି ଭାବେ କଟକ ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ପରିଚାଳକ ଜାନକୀକାନ୍ତ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅରେଇ ସମବାୟ ସମିତି ସମ୍ପାଦକ ଲକ୍ଷ୍ମୀନାରାୟଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚାଷୀମାନେ ମଣ୍ଡିକୁ ସରକାର ଧାର୍ଯ୍ୟ କରିଥିବା ଏଫ୍‌ଏକ୍ୟୁ ମାନର ଧାନ ଆଣି କ୍ୱିଣ୍ଟାଲ ପିଛା ୧୭୫୦ ଟଙ୍କା ନେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁହାଳି ସମିତିର ସମ୍ପାଦକ ମହେନ୍ଦ୍ର ନାୟକ, ପ୍ରଦ୍ୟୁମ୍ନ ବାରିକ, ସ୍ୱର୍ଣ୍ଣରଞ୍ଜନ ବେହୁରିଆ, ବିରେନ୍ଦ୍ର ସାମଲ,ନିର୍ମଳ ନାୟକ, ନାରାୟଣ ସାମଲ, ବିଜୟ ବିଶ୍ୱାଳ, ନିରାକାର ବେହୁରିଆ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଯାଦବ ସଂଗଠନ ପକ୍ଷରୁ ଦରିଦ୍ର ନାରାୟଣ ସେବା

ରସୁଲପୁର,୧୭।୧୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଚିତ୍ରକୁଳ ଗ୍ରାମସ୍ଥିତ ମା' ବାଲୁଡେଇଙ୍କ ପୀଠରେ ଯାଦବ ସଂଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଗଠନର ପୁରୋଧା ଅଭିମନ୍ୟୁ ଦାସ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୟ ଯାଦବ ଯୋଗଦେଇ ଯାଦବ ଭଉଣୀଭାଇଙ୍କର ସାମାଜିକ ଓ ଆର୍ଥିକ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ପଞ୍ଚାୟତସ୍ଥିତ ଶତାଧିକ ଯାଦବ ସମ୍ପ୍ରଦାୟର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଭରତ ଦାସ, ଅଜୟ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଷ୍ଣୁ ଦାସ, ଆଶିଷ ଦାସ, ସୋମନାଥ ଦାସ ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବା ସହ ଯାଦବ ଭାଇମାନେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଭରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଯାଦବ ଯୋଗଦାନ କରିଥିଲେ।

### ଅବସରପ୍ରାପ୍ତ ଏବିଇଓଙ୍କୁ ସମ୍ବର୍ଦ୍ଧନା

ବିରଜାକ୍ଷେତ୍ର,୧୭।୧୨(ଡି.ଏନ୍.ଏ): ଯାଜପୁର ବ୍ଲକ ପଣସା ଗ୍ରାମପଞ୍ଚାୟତସ୍ଥିତ କୁଶି ୟୁଜିଏମ୍‌ଇ ବିଦ୍ୟାଳୟ ପରିସରରେ ରବିବାର ଅବସରପ୍ରାପ୍ତ ଯାଜପୁର ବ୍ଲକ୍ ଏବିଇଓଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିନ୍ଧାଣ କ୍ଲଷ୍ଟରର ସିଆରସିସି ଶ୍ରୁତିକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଏବିଇଓ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ଶରତ କୁମାର ଦାସ ଓ ଲାଲବାର ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ କିରଣବାଳା ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥିଭାବେ ଅକ୍ଷୟ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ପଣସା ସରପଞ୍ଚ ମୋନାଲିସା ପତି, ସମିତି ସଭ୍ୟ କେତେକୀ ବର୍ଦ୍ଧନ, ମୁଖ୍ୟ ବକ୍ତାଭାବେ ପ୍ରଧାନଶିକ୍ଷକ ଯଦୁନାଥ ଜେନା ଅଂଶଗ୍ରହଣ କରିଥିଲେ। କୁଶି ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଚାଳନା କମିଟିର ଅଧ୍ୟକ୍ଷ ସଞ୍ଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବଣମଲ୍ଲୀ ତରଫରୁ ଶୀତବସ୍ତ୍ର ବଣ୍ଟନ

ଜେନାପୁର,୧୭।୧୨(ଡି.ଏନ୍.ଏ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଈପୁର ସ୍ଥିତ ବଣମଲ୍ଲୀ ସାହିତ୍ୟ ସେବା ସଙ୍ଗଠନ ତରଫରୁ ଜେନାପୁର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମର ଗରିବ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମଳ ବଣ୍ଟନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସଭାପତି ନିର୍ମାଲ୍ୟ ପ୍ରଧାନ, ସମ୍ପାଦକ ସରୋଜକାନ୍ତ ବେହେରା, ଉପସଭାପତି ଲାଲମୋହନ ଶତପଥୀଙ୍କ ସମେତ ସଂଗଠନର ସମସ୍ତ ସଭ୍ୟ ଉପସ୍ଥିତ ରହି ବ୍ରହ୍ମପୁର, ବରାଳ ସାହି, ଜେନାପୁର, ବରମୁଣ୍ଡଳୀ ଆଦି ଗ୍ରାମରେ ବୁଲି ଦୁଃଖକଷ୍ଟରେ ରହୁଥିବା ଲୋକଙ୍କ ସମସ୍ୟା ବୁଝିବା ସହ କମ୍ବଳ ବଣ୍ଟିଥିଲେ। ବ୍ଲକ ପ୍ରଶାସନ ସେମାନଙ୍କୁ ଅବଶ୍ୟକ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ସୋମବାର ୨୨ଜଣ ଅସାହାୟ ଗରିବ ଲୋକଙ୍କୁ ସେମାନେ କମ୍ବଳ ବଣ୍ଟନ କରିଥିଲେ। ଆଗକୁ ମଧ ଗରିବ ଲୋକଙ୍କୁ ଚିହ୍ନଟ କରି କମ୍ବଳ ବଣ୍ଟନ କରାଯିବ ବୋଲି ସଂଗଠନ ତରଫରୁ ସୂଚନା ଦିଆଯାଇଛି।

## ବିଭିନ୍ନ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ବିଞ୍ଝାରପୁର,୧୭।୧୨(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକର ସାଶନ୍ଦା, ଅରେଇ, ଘଣ୍ଟିଆଳି, ବିତନା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅରେଇ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ଅରେଇ ସରପଞ୍ଚ ଦେବାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ଅମୂଲ୍ୟ ତ୍ରିପାଠି, ନେସ୍କୋ କନିଷ୍ଠ ଯନ୍ତ୍ରୀ ପ୍ରିୟତୋଷ ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ କର ରଶ୍ମିରେଖା ବେହୁରିଆ, ବିକାଶ ସ୍ୱାଇଁ, କୃଷ୍ଣଚନ୍ଦ୍ର ଯେନା, ମେଘନାଥ ଯେନା, ପୁରୋତ୍ତମ ମଲ୍ଲିକ, ରବିନ୍ଦ୍ର ଯେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବିତନାରେ ସରପଞ୍ଚ ରବୀନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହେଶ୍ୱର ରାଉତ, ଅଲେଖ ସାହୁ, ବାସୁଦେବ ମିଶ୍ର, ଅନିତା ସ୍ୱାଇଁ, ଗୌରଙ୍ଗ ସାହୁ, ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସାଶନ୍ଦା ସରପଞ୍ଚ ରଶ୍ମିରେଖା ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅନ୍ୟଙ୍କ ମଧ୍ୟରେ ସନ୍ତୋଷ ନାୟକ, ବିଜୟ ନାୟକ, ଅଶୋକ ଜେନା, ଉପେନ୍ଦ୍ର ଯେନା, ସେକ ଏସାମୁଦ୍ଦିନ, ତାହେର ଅଲ୍ଲି ଖାଁ, ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଘଣ୍ଟିଆଳି ସରପଞ୍ଚ ମିଲି ଯେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବବି ଯେନା, ରବୀନ୍ଦ୍ର ପରିଡା, ଜଗବନ୍ଧୁ ନାୟକ, ମହେଶ୍ୱର ନାୟକ, ଗୋବିନ୍ଦ ଯେନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା ବେଳେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ଯୋଗ ଦେଇଥିଲେ।

## ସତ୍ୟସାଇ ଭଜନ ମଣ୍ଡଳୀ ବାର୍ଷିକୋତ୍ସବ

ରସୁଲପୁର,୧୭।୧୨(ଡିଏନଏ)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତସ୍ଥିତ ବରଜପୁର ସତ୍ୟସାଇ ସେବା ମଣ୍ଡଳୀର ୧୫ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନ, ୧୨୧ ମହିଳାଙ୍କ ବ୍ରତକଳ୍ପ ପୂଜା, ଷୋଡଶହ ଉପଚାର ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ୩ଟି ବାଳବିକାଶ କେନ୍ଦ୍ର ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ମିଡିଆ ସଂଯୋଜକ ଶିବ ପ୍ରସାଦ ମହାନ୍ତି, ପ୍ରାକ୍ତନ ଜିଲା ସଭାପତି ଧିରେନ୍ଦ୍ର କୁମାର ସାହୁ, ରଶ୍ମୀରଞ୍ଜନ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ୪୬ ଦରିଦ୍ର ନାରାୟଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

## ୫ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ, ସହାୟତା ପ୍ରଦାନ

ରସୁଲପୁର,୧୭।୧୨(ଡିଏନଏ)

ରସୁଲପୁର ବ୍ଲକ ଅଧୀନସ୍ଥ ପହଁଙ୍ଗା, ନଠୁଆବର, ଟିକରପଡା, ପ୍ରଥମାଖଣ୍ଡି, ନରସିଂହପୁର ଆଦି ପଞ୍ଚାୟତରେ 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରସୁଲପୁର ବ୍ଲକ ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ୍ କୁମାର ପାତ୍ର, ସରପଞ୍ଚ ପ୍ରହ୍ଲାଦ ପ୍ରତିହାରି, ସମିତି ସଭ୍ୟ କୁମୁଦିନୀ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ଏହି ଅବସରରେ ପହଁଙ୍ଗା ପଞ୍ଚାୟତରେ ୮୭ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଯୋଗଦେଇ ନାନା ପ୍ରକାରର ପିଠା ପ୍ରଦର୍ଶନ କରିଥିଲେ। ପ୍ରାକ୍ତନ ସରପଞ୍ଚ ପ୍ରକାଶ ସାମଲ, ସମିତିସଭ୍ୟ ନବକିଶୋର ଦଳେଇ, ଆଇନଜୀବୀ କୈଳାସ ଚନ୍ଦ୍ର ବେହେରା, ପଞ୍ଚାୟତ ସଭାପତି ଅଶୋକ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ କରାଯାଇଥିଲା। ଯୁବ ବିଜେଡି ସଭାପତି ସ୍ୱାଧୀନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନଠୁଆବର ପଞ୍ଚାୟତରେ ସରପଞ୍ଚ କୁଞ୍ଜଲତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସାସଂଦଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାମଲ, ସମତିସଭ୍ୟା ଜୟନ୍ତୀ ନାୟକ, ବ୍ଲକ



ଅତିଥିମାନେ କାର୍ଯ୍ୟକ୍ରମରେ ବିଭିନ୍ନ ପିଠାକୁ ପରିଦର୍ଶନ କରୁଛନ୍ତି।

**ରସୁଲପୁର ବ୍ଲକ**

ଯୋଗାଣ ଅଧିକାରିଣୀ ରାଜଲକ୍ଷ୍ମୀ ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପ୍ରଥମାଖଣ୍ଡିରେ ପିଠା କାର୍ଯ୍ୟକ୍ରମ ସରପଞ୍ଚ ଚିନ୍ତାମଣି ସୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରସୁଲପୁର ବ୍ଲକ ଅଧ୍ୟକ୍ଷା ସାରତି ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ସମିତିସଭ୍ୟା ସରୋଜିନୀ ପଲେଇ, ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ରଥ ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ଶତ୍ରୁଘନ ଜେନା ଧନ୍ୟବାଦ ଦେଇଥିଲେ। ଟିକରପଡା ପଞ୍ଚାୟତରେ ସରପଞ୍ଚ ଅତୁଲ୍ୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମକୁ ଜିପିଓ ଦିବ୍ୟାକାନ୍ତି ମିଶ୍ର ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସଭାପତି ଅଚ୍ୟୁତାନନ୍ଦ ପାତ୍ର, ଯୁବ ସଭାପତି ହିମାଂଶୁ ବେହେରା, ସମ୍ପାଦକ ଦୀପକ ଦାସ, ନରେନ୍ଦ୍ର ପାତ୍ର, ରସାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥିଲେ। ୫୩ଟି ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ଯୋଗ ଦେଇଥିଲେ । ଏମବିକେ ବୀଣାପାଣି ପ୍ରଧାନା ଧନ୍ୟବାଦ ଅର୍ପଣ କରିଥିଲେ। ନରସିଂହପୁର ପଞ୍ଚାୟତରେ ସରପଞ୍ଚ ପ୍ରଭାସିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ପ୍ରାକ୍ତନ ସରପଞ୍ଚ ଭାସ୍କର ସାହୁ, ଗୋପାଳ ଚନ୍ଦ୍ର ନାୟକ,ଓଏଲଏମ ଅଧ୍ୟକାରିଣୀ ମଧୁସ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ଝିଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ଜିଲାସ୍ତରୀୟ ଯୁବ ସମାବେଶ

## ଯୋଗଦେଲେ ୧୫୦୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା

ବିରଜାକ୍ଷେତ୍ର, ୧୭।୧୨(ଡି.ଏନ୍.ଏ)

ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଯାଜପୁର ଜିଲାସ୍ତରୀୟ ଯୁବ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, କ୍ରୀଡ଼ା ବିଭାଗ ଓ ଯୁବ ବାହିନୀ ସହଯୋଗିତାରେ ଏହି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଜୁ ଯୁବ ବାହିନୀର ୧୫୦୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ଯୋଗ ଦେଇଥିଲେ। ଯାଜପୁର ଜିଲାର ୧୦ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ବିଜୁ ଯୁବ ବାହିନୀରେ ୧୬ହଜାରରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ପଞ୍ଜୀକୃତ ହୋଇଛନ୍ତି। ଏହି ଯୁବ ସମାବେଶକୁ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରିଥିବାବେଳେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ତିଲୋତ୍ତମା ପୃଷ୍ଟି, ଅନୁପ କୁମାର ବେହେରା, ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ଦେଇଥିବା ଯୁବ ବାହିନୀର ସଦସ୍ୟଙ୍କ ଭିତରୁ ଅନେକ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜିଲାରେ ହୋଇଯାଇଥିବା 'ମୁଁ ହିରୋ' କାର୍ଯ୍ୟକ୍ରମରେ ସଫଳତା ଅର୍ଜନ କରିଥିବା ସ୍ୱର୍ଣ୍ଣଲତା ଦଳାଇ, ସତ୍ୟରଞ୍ଜନ କର, ଝୁନୁବାଳା ଦାସ, ରଞ୍ଜିତା ବାରିକ, ସେକ୍ ସାହାଜାହାନଙ୍କୁ ଅତିଥିମାନେ ୪ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଯାଜପୁର ଜିଲାରେ ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାର ବଡ଼ଚଣା ବ୍ଲକ୍ ବାଲିପଡ଼ିଆ ଗ୍ରାମପଞ୍ଚାୟତର ବିଜୁ ଯୁବ ବାହିନୀକୁ ଯୁବ ସମାବେଶରେ ଶ୍ରେଷ୍ଠ ମାନ୍ୟତା ପ୍ରଦାନ କରାଯାଇଥିଲା। ସେହିପରି ଏହି ଯୁବ ସମାବେଶରେ ଜିଲାର ୨ଜଣ ସଫଳ କ୍ରୀଡ଼ାବିତ୍ ନିବେଦିତା ନାୟକ ଓ ଏମ୍.ସୁଦୀପାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏତଦ୍ ବ୍ୟତୀତ ଜିଲାସ୍ତରୀୟ ଭଲି ଟୁର୍ନାମେଣ୍ଟର ବିଜୟୀ ରସୁଲପୁର ବ୍ଲକ୍‌କୁ ୩ହଜାର ଓ ରନର୍ସ ଅପ୍ କୋରେଇ ବ୍ଲକ୍‌କୁ ୨ହଜାର ଟଙ୍କା ପୁରସ୍କାର ରାଶି ସମ୍ମାନିତ ଅତିଥିମାନେ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ବାଳାଶ୍ରମ ପଡ଼ିଆଠାରେ ଲାଗିଥିବା ବଡ଼ ଏଲଇଡି ସ୍କ୍ରିନ୍‌ରେ ହଜାର ହଜାର ଦର୍ଶକ ବିଶ୍ୱକପ୍ ହକିର ଫାଇନାଲ ମ୍ୟାଚକୁ ଉପଭୋଗ କରିଥିଲେ। ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ ଓ ଜିଲା ଯୁବ ବାହିନୀ ପ୍ରୋଗ୍ରାମ ଅଫିସର ସତ୍ୟରଞ୍ଜନ କର ଯୁବ ବାହିନୀ ସମାବେଶକୁ ସଫଳତାର ସହ ପରିଚାଳନା କରିଥିଲେ।





ଯୁବ ସମାବେଶରେ ପୁରସ୍କୃତ ହୋଇଥିବା ୫ ଯୁବ ପ୍ରତିଭା।

ଯାଜପୁରରେ ନିର୍ମାଣ ହେବ ସିଏସ୍‌ଓ କୋଠାଘର

## ଯୋଜନା, ଅଟକଳ ଦାଖଲରେ ବିଳମ୍ବ

ଯାଜପୁର ଅଫିସ,୧୭।୧୨

ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଆରମ୍ଭରୁ ଭଡ଼ା ଘରେ ଚାଲି ଆସୁଛି । ତେଣୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁରରେ ଏକ ନିଜସ୍ୱ ସିଏସ୍‌ଓ କୋଠା ଘର ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ବଜେଟରେ ଆବଶ୍ୟକ ପାଣ୍ଠି ବ୍ୟବସ୍ଥିତ ହୋଇସାରିଛି । ହେଲେ ଯାଜପୁର ଜିଲା ଯୋଗାଣ ବିଭାଗର ଆନ୍ତରିକତା ଅଭାବରୁ ଆବଶ୍ୟକ ଯୋଜନା ଓ ଅଟକଳ ଦାଖଲ ହେଉ ନ ଥିବାରୁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇ ପାରୁନାହିଁ। ଯାଜପୁର ଜିଲା ତାରାମଦନ ଗଳିରେ ଥିବା ଏକ ଭଡା ଘରେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଚାଲି ଆସୁଛି। ସେଠାକୁ ଏକ ଓସରିଆ ରାସ୍ତାଟିଏ ମଧ ନାହିଁ । ଅଣଓସରିଆ ରାସ୍ତା ହୋଇଥିବାରୁ ଚାରି ଚକିଆ ଗାଡିଟିଏ ଭଲ ଭାବରେ ଯିବା ଆସିବା କରି ପାରୁନାହିଁ। ଫଳରେ ବହୁ ମିଲର, ହିତାଧିକାରୀ ପ୍ରମୁଖଙ୍କ ପାଇଁ ସମସ୍ୟା ସୃଷ୍ଟି କରି ଆସୁଛି। ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ଯୋଗାଣ ବିଭାଗ କୋଠାଘର ଆରମ୍ଭ କରିବାକୁ ଯୋଜନା ରହିଛି । ତେଣୁ ସିଏସଓ କୋଠାଘର ନିର୍ମାଣ ପାଇଁ ଆବଶ୍ୟକ ଯୋଜନା ଓ ଅଟକଳ ପ୍ରସ୍ତୁତ କରି ଯୋଗାଣ ଅଧିକାରୀଙ୍କ ଜରିଆରେ ତୁରନ୍ତ ଦାଖଲ କରିବାକୁ ବିଭାଗୀୟ ଉପସଚିବ ଜ୍ୟୋତିର୍ମୟୀ ସେନାପତି ନିର୍ଦ୍ଦେଶ ଦେଇଛନ୍ତି।

## କୁମାରୀରେ କୁରାଳ ପଞ୍ଚମୀ

ଧର୍ମଶାଳା, ୧୭।୧୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ କୁମାରୀ ଗ୍ରାମର କୁମ୍ଭାର ସାହିରେ ୬ଦିନ ବ୍ୟାପୀ କୁରାଳପଞ୍ଚମୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୱାନ ପଣ୍ଡିତଙ୍କ ଦ୍ୱାରା ନାରାୟଣ ମହାପ୍ରଭୁଙ୍କ ପୂଜାର୍ଚ୍ଚନାରେ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇ ପ୍ରଭୁଙ୍କ କୃପାଲାଭ କରିଥିଲେ। କୁମାରୀ ଗ୍ରାମର ଗିରିଧାରୀ ବେହେରା, ଅକ୍ଷୟ ବେହେରା, ଅଭିମନ୍ୟୁ ରଣା, ଇନ୍ଦ୍ରମଣି ବେହେରା, ରବିନ୍ଦ୍ର ସାହୁ, ଗଗନ ସାହୁ, ପ୍ରଶାନ୍ତ ବେହେରା, ସୁଶାନ୍ତ ବେହେରା, ପଦ୍ମିନୀ ବେହେରା, ନିରଞ୍ଜନ ବେହେରା ପ୍ରମୁଖ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଭଜନକୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# କୁରାଳ ପଞ୍ଚକ, ଜାତୀୟ ହେମନ୍ତ ମହୋତ୍ସବ ଉଦ୍‌ଯାପିତ

ଯାଜପୁର ଅଫିସ,୧୭।୧୨

ଚିନ୍ମୟ ପ୍ରତିଷ୍ଠାନ ପକ୍ଷରୁ ପବିତ୍ର କୁମାର ପୂର୍ଣ୍ଣିମାରୁ ଆୟୋଜିତ ଭ୍ରାମମାତା ଜାତୀୟ ହେମନ୍ତ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ ବିଞ୍ଝାରପୁର ବ୍ଲକ ସାଇଁଲଳ ଲକ୍ଷ୍ମୀନାରାୟଣ ପୂଜା କମିଟି ସହାୟତାରେ କୁରାଳ ପଞ୍ଚକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ନବକିଶୋର ଦାସ, ଦାମୋଦର ସାହୁ, ଅନୀତା ସାହୁ, ମଧୁସୁଦନ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ସାମାଜିକ ଚେତନାରେ ସାଂସ୍କୃତିକ ମହୋତ୍ସବ ଓ ଆଧାତ୍ମିବାଦର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମା' ବାସୁଳେଇ କଳା ପରିଷଦ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରାଜ୍ୟ ପରିଯୋଜନା ପ୍ରମୁଖ ମହେଶ ତ୍ରିପାଠୀ ମୁଖ୍ୟଅତିଥି, ଦକ୍ଷିଣ ବ୍ରହ୍ମଦେବୀ ଭାଗବତ ପ୍ରଚାର ସମିତିର ପ୍ରତିଷ୍ଠାତା ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, ଦଶରଥପୁର ବ୍ଲକ ସଂଯୋଜକ ଧୀରୁଭାଇ ପ୍ରତିଷ୍ଠାନର ସଂଯୋଜକ ମିହିର କୁମାର ମଲ୍ଲିକ, ତ୍ରିଲୋଚନ ମଲ୍ଲିକ, ଚନ୍ଦ୍ରକାନ୍ତ କର, କ୍ରିଷ୍ଣାକୁମାର ପ୍ରମୁଖ ଯୋଗଦାନ କରି ଅନୁଷ୍ଠାନ ମାଧ୍ୟମରେ ପଲ୍ଲୀ ସଂସ୍କୃତି କିଭଳି ଭାବରେ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମ୍ୟାଜିକ୍ ଶୋ ସହ ଡଲଫିନ୍ ଡ୍ୟାନ୍ସ ସ୍କୁଲ ଆଣ୍ଡ ଗ୍ରୁପର ଶତାଧିକ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ସମାବର୍ତ୍ତ ସଭାରେ ଟେରାକୋଟ ପ୍ରଶିକ୍ଷକ ରଜତ କୁମାର ସାହୁ, ରୂପକାର ସଞ୍ଜୟ କୁମାର ସାହୁ, ମୂର୍ତ୍ତି ଶିଳ୍ପ ଜଗବନ୍ଧୁ ମୁଦୁଲି, ଅଭିଷେକ ରଣାଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା। ଚତୁର୍ଥ ପର୍ଯ୍ୟାୟରେ ସମାବର୍ତ୍ତକ ଭାବେ ଶିକ୍ଷାବିତ୍ ମୁରଲିଧର ମୁଦୁଲି ଯୋଗଦାନ କରିଥିଲେ। ନୃତ୍ୟଶିଳ୍ପୀ ମୟୁରିକା ବେହୁରିଆ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାବିତ୍ ଗୌରାଙ୍ଗ ମୁଦୁଲି ଓ ପ୍ରଦୀପ କୁମାର ମୁଦୁଲିଙ୍କ ମଞ୍ଚ ପରିଚାଳନାରେ କମିଟିର ଶତାଧିକ ସଦସ୍ୟ/ସଦସ୍ୟା ସହଯୋଗ କରିଥିଲେ । ୫ମ ପର୍ଯ୍ୟାୟରେ ସଂସ୍କୃତିକ କାର୍ଯ୍ୟକ୍ରମରେ ଅଭିଲିପସା ରଣା, ସ୍ମୃତି ଆଚାର୍ଯ୍ୟ, ମାନସ ଗାହାଣ, ଶୁଭଲକ୍ଷ୍ମୀ ବେହେରା, ଶ୍ରଦ୍ଧାଞ୍ଜଳି ଜେନା, ନିର୍ମଳ ଜେନା, ଚନ୍ଦନ କୁମାର ନାୟକ, ବର୍ଷାରାଣୀ ମାଝି, ସଂଗୀତା ମଲ୍ଲିକ ପ୍ରମୁଖ ଯୋଗଦାନ କରି ୟୁନିକ୍ ଡ୍ୟାନ୍ସ ଗ୍ରୁପ ଦ୍ୱାର ନୃତ୍ୟଗୀତ ମାଧ୍ୟମରେ କୁରାଳ ପଞ୍ଚକକୁ ଉଦ୍‌ଯାପନ କରାଯାଇଥିଲା।

SBI
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
| --- | --- | --- | --- | --- | --- |
| ଋଣଗ୍ରହୀତା: ମେସର୍ସ ସାଇ କୋର୍ ଆଣ୍ଡ କେମିକାଲ୍ସ, ଅଂଶୀଦାରମାନେ: ଦୋଡଲା ଲକ୍ଷ୍ମଣ ରାଓ, ପିତା: ଦୋଡଲା ସତ୍ୟନାରାୟଣ ଏବଂ ଦୋଡଲା ମଣି, ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ, ହନୁମାନ କଟନ୍ ଇଣ୍ଡଷ୍ଟ୍ରିଜ୍ କମଟାଲପେଟା ନିକଟ, ରାୟଗଡା-୭୬୫୦୦୧ | ଜାମିନ୍‌ଦାର: ଶ୍ରୀ ଏମ୍. ନାଗଭୂଷଣ ରାଓ / ସମ୍ପତ୍ତିର ମାଲିକ: ଦୋଡଲା ମଣି, ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ | ଦୋଡଲା ମଣି, ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମଟାଲପେଟା, ଖାତା ନଂ.: ୫୯/୯୧୭, ପ୍ଲଟ୍ ନଂ.: ୫୬୪/୧୭୨୦, କ୍ଷେତ୍ର: ଏକର୦.୫୫ଡିସିମିଲି, କିସମ: କ୍ଷୁଦ୍ର ଶିଳ୍ପ ଏବଂ ଖାତା ନଂ.: ୫୯/୮୮୫, ପ୍ଲଟ୍ ନଂ.: ୧୩୬, କ୍ଷେତ୍ର: ଏକର୧.୩୬ଡିସିମିଲି, କିସମ: ଘରବାରି, ଏହାର ଚାରିପାଖରେ- ପୂର୍ବ: ପ୍ଲଟ୍ ନଂ.: ୫୬୩ ଏବଂ ୫୬୨, ପଶ୍ଚିମ: ଦୋଡଲା ଲକ୍ଷ୍ମଣ ରାଓଙ୍କ ପ୍ଲଟ୍ ନଂ. ୫୫୬, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ଆଲମ ଗୋବିନ୍ଦଙ୍କ ପ୍ଲଟ୍ ନଂ. ୫୪୯ | ୨୦.୧୦.୨୦୧୬ | ୧୩.୧୨.୨୦୧୮ | ୩୦.୦୯.୨୦୧୬ ସୁଦ୍ଧା ଟ.୯୩,୧୪,୨୧୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତା: ଶ୍ରୀ ଗୌତମ ପଣ୍ଡା, ପିତା: ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ଫ୍ଲାଟ୍ ନଂ.: ୩୧୫, କଳାରାହାଙ୍ଗ, ଆର୍ଯ୍ୟନିଳୟ ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୨୪ | ସମ୍ପତ୍ତିର ମାଲିକ: ଶ୍ରୀ ଗୌତମ ପଣ୍ଡା | ଶ୍ରୀ ଗୌତମ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁଜବଳ, ତହସିଲ: ରାୟଗଡା, ଖାତା ନଂ.: ୪୨/୨୨୨, ପ୍ଲଟ୍ ନଂ.: ୨୧/୪୫୫/୫୯୫, କ୍ଷେତ୍ର: ଏକର୧.୦୦ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ଶ୍ରୀମତୀ ନୀରା ସିହ୍ନାଙ୍କ ଜମି (ପ୍ଲଟ୍ ନଂ. ୨୧/୪୫୫), ପଶ୍ଚିମ: ପ୍ଲଟ୍ ନଂ. ୨୧/୪୬୩, ଉତ୍ତର: ପ୍ଲଟ୍ ନଂ. ୨୧ର ଅବଶିଷ୍ଟ ଜମି, ଦକ୍ଷିଣ: ପିଡବ୍ଲୁଡି ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୬୪,୯୯,୯୨୬.୭୯ + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| ଋଣଗ୍ରହୀତା: ମେସର୍ସ ମାଝୀ ଗୌରୀ ରୋଲିଙ୍ଗ ସଟର୍ସ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ବି. ଆନନ୍ଦ ରାଓ, ରୋହିତ କଲୋନୀ, ତୃତୀୟ ଲେନ୍, ରାୟଗଡା-୭୬୫୦୦୧ | ସମ୍ପତ୍ତିର ମାଲିକ: ବି. ଆନନ୍ଦ ରାଓ | ବି. ଆନନ୍ଦ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାୟଗଡା ସୁଙ୍କାରିମେଟ୍ଟୁ, ପିତାମହଲ, ତହସିଲ: ରାୟଗଡା, କମଟାଲପେଟା, ଖାତା ନଂ.: ୧/୩୩, ପ୍ଲଟ୍ ନଂ.: ୧୮/୭୨, ୧୯/୭୩, କ୍ଷେତ୍ର: ଏକର୦.୦୩୬ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ବି. ପ୍ରସାଦ ରାଓଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ. ୧୧୬ ଏବଂ ୧୧୭), ପଶ୍ଚିମ: ବି. ରମେଶଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ.: ୧୧୫), ଉତ୍ତର: ବିକ୍ରେତାଙ୍କ ଲେଆଉଟ୍ ପ୍ଲଟ୍ ନଂ. ୯୩, ଦକ୍ଷିଣ: ୩୦ ଫୁଟ ଚଉଡା ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୩୧,୧୧,୯୮୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୩.୧୨.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଯେକୌଣସି କାମ କରିବାକୁ ଶ୍ରଦ୍ଧାର ସହିତ ଚେଷ୍ଟା କଲେ ଯେତେ ବାଧା, ବିଘ୍ନ ଓ ଅସୁବିଧା ଆସୁ ପଛେ ଲୋକ ନିଶ୍ଚୟ ସଫଳ ହେବ।
- ଜନ୍ ବେୟାର୍ଡ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

କଳିଙ୍ଗନଗର, ୧୭।୧୨(ଡି.ଏନ୍.ଏ.) - କଳିଙ୍ଗନଗର ଏମାମୀ ସିମେଣ୍ଟ କାରଖାନାରେ କାମ କରୁଥିବା ଜଣେ କର୍ମଚାରୀଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଚନ୍ଦ୍ରଭାନୁ ବର୍ମା(୪୩)। ସେ ଯାଜପୁର ରୋଡରୁ ମାର୍କେଟିଂ କାମ ସାରି ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ପଛ ପଟୁ ଏକ ଟିପ୍ପର ( ଓଆଇସି- ୪୫୯୫) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପୋଲସ ପହଞ୍ଚି ଟପ୍ପର ଜବତ କରି ତଦନ୍ତ ଚଳାଇଛି। ତେବେ ଚନ୍ଦ୍ରଭାନୁଙ୍କ ଘର ମହାରାଷ୍ଟ୍ରର ମୁମ୍ବେଇରେ ବୋଲି ଜଣାପଡିଛି ।

### ଶିଶୁ ପ୍ରତିଭା ଚୟନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ସିଂହପୁର,୧୭।୧୨(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଶିଶୁ ପ୍ରତିଭା ଚୟନ ପ୍ରତିଯୋଗୀତା ଜାନୁୟାରୀ ୫ ତାରିଖରେ କଲ୍ୟାଣପୁରସ୍ଥିତ ବରୁଣେଶ୍ୱର ମଡେଲ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକ ଅଧୀନ ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହେବ କ୍ଲବ ସମ୍ପାଦକ ଶମ୍ଭୁନାଥ ଦାଶ ବୈଠକରେ ସୂଚନା ଦେଇଛନ୍ତି। ଏଥିସହ କ୍ଲବର ବାର୍ଷିକ ମୁଖପତ୍ର ପାଇଁ ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଲେଖା ପଠାଇବାକୁ ସମ୍ପାଦକ ଦାଶ କହିଛନ୍ତି।

### ବିଜ୍ଞାନମେଳା ଅନୁଷ୍ଠିତ

କୋରେଇ,୧୭।୧୨(ସ୍ୱ.ପ୍ର.)- ପାଣିକୋଇଲିସ୍ଥିତ ସୁବାସ ବୋଷ ଇଂଲିଶ ମିଡିୟମ ବିଦ୍ୟାଳୟରେ ସୋମବାର ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଅବଦୁଲ ସଇଦ ଖାଁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ବିଜନ କୁମାର ଧଳ ଉପସ୍ଥିତ ଥିଲେ। ପ୍ରାଣୀଙ୍କର ଖାଦ୍ୟପେୟ, ଶରୀରର ଅଙ୍ଗ ପ୍ରତ୍ୟଙ୍ଗ, ଜଳଚକ୍ର, ସଜୀବ ନିର୍ଜୀବ, ଜଳର ଉତ୍ସ, ଟ୍ରାଫିକ ବ୍ୟବସ୍ଥା, ଜଳ ସଂରକ୍ଷଣ ଆଦି ବିଷୟ ଉପରେ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ରୁଢିଆସ୍ଥିତ ଗ୍ରାମ ମଙ୍ଗଳ ସମିତି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସତ୍ୟବାଦୀ ପାତ୍ର, ଓ ମା' ତାରିଣୀ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ଦାସ ବିଚାରକ ଭାବେ ଯୋଗଦେଇଲେ। ବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୁନିୟର ଗ୍ରୁପର ସ୍ୱୟଂପ୍ରଭା ପାତ୍ର ପ୍ରଥମ, ଦିବ୍ୟାଂଶୁ ସ୍ୱାଇଁ ଦ୍ୱିତୀୟ ଓ ଶୁଭଶ୍ରୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ଗ୍ରୁପରେ ସସ୍ମିତା ମହାନ୍ତି ପ୍ରଥମ, ଦେବଶ୍ରିତା ମହାପାତ୍ର ଦ୍ୱିତୀୟ ଓ ସିପ୍ରା ସୌଭାଗିନୀ ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ।

### ଶିଶୁବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ

କାଳିଆପାଣି,୧୭।୧୨(ଡି.ଏନ୍.ଏ.)- ଟିସ୍କୋ ପରିସରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କାଟେପୁର୍ଣ୍ଣୀ ଖେଳ ପଡ଼ିଆରେ ଆୟୋଜିତ ବିଂଶତମ ବାର୍ଷିକ କ୍ରୀଡା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଠୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶାରୀରିକ ଓ ମାନସିକ ସ୍ତରରେ ଅଭିବୃଦ୍ଧି ପାଇଁ ଖେଳକୁଦ ନିତ୍ୟାନ୍ତ ଆବଶ୍ୟକ ରହିଥିବାରୁ ପାଠ ପଢା ସହ ଖେଳକୁଦରେ ସାମିଲ ହେବାକୁ ଛାତ୍ରୀଛାତ୍ରଙ୍କୁ ଅଭିରାମ ପରାମର୍ଶ ଦେଇଥିଲେ। ଶାରୀରିକ ପ୍ରମୁଖ ଗୁଣନିଧୀ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କ୍ରୀଡାରେ କିଶୋର ବର୍ଗର ଭଉଣୀ ମେଡ଼ଲିନ ମହାନ୍ତ ୩୦୦୦, ୧୫୦୦ ଏବଂ ୮୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରି ଚଳିତ ବର୍ଷ ଚାମ୍ପିଅନ ହୋଇଛନ୍ତି। ଏହିପରି ଅନୁରାଧା ମହାନ୍ତ ୨୦୦, ୪୦୦ ଓ ୧୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମାନସ ମହାପାତ୍ର ୩୦୦୦ ମିଟରରେ ପ୍ରଥମ, କଚଦେବ ପଣ୍ଡା ୧୫୦୦ ମିଟରରେ ପ୍ରଥମ, ବିନୟ କୁମାର ସାହୁ ୩ କିମି ଚାଲିରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗତ ୧୫ ତାରିଖରୁ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। କ୍ରୀଡାରେ ୬୪ଟି ବିଭାଗରେ ୪୭୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଭାଷ ବେଜ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।

## ■ମାଲ ପରିବହନ ଗାଡ଼ିରେ ବୁହା ହେଉଛନ୍ତି ଯାତ୍ରୀ

# ପରିବହନ ବିଭାଗ ନୀରବ

ଚଣ୍ଡିଖୋଲ,୧୭।୧୨(ଡି.ଏନ୍.ଏ.)

ଯାତ୍ରୀ ପରିବହନକୁ ନେଇ ରାଜ୍ୟ ସରକାର ବିଭିନ୍ନ କଟକଣା ଲଗାଇବା ସତ୍ତ୍ୱେ ପରିବହନ ବିଭାଗ ନୀରବ ରହିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲାରେ। ଯାଜପୁର ଜିଲାର ଚଣ୍ଡିଖୋଲ ଏକ ପ୍ରମୁଖ ଛକ ହୋଇଥିବା ବେଳେ ଏହା ୩ ଜାତୀୟ ରାଜପଥର ମିଳନସ୍ଥଳ। ସେଥିପାଇଁ ଚଣ୍ଡିଖୋଲ ଛକରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟର ଅଧିକାରୀମାନେ ଗାଡ଼ି ଯାଞ୍ଚ କରୁ ନ ଥିବାରୁ ଉକ୍ତ ଛକ ଦେଇ ମାଲ ପରିବହନ ପାଇଁ ଉଦ୍ଦିଷ୍ଟ ଗାଡ଼ିରେ ଯାତ୍ରୀ ପରିବହନ ହେଉଥିବା ଜଣାପଡ଼ିଛି। ଫଳରେ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଗାଡ଼ି ମାଲିକ ଦିନ ଦ୍ୱିପ୍ରହରରେ ଏପରି ବେଆଇନ କାର୍ଯ୍ୟ କରୁଥିବା ବେଳେ ପରିବହନ ବିଭାଗ ନୀରବ ରହିଥିବା ଶୁଣିବାକୁ ମିଳିଛି। ଯାତ୍ରୀ ପରିବହନ ପାଇଁ ବସ୍ ଏବଂ ୪ ଚକିଆ ଗାଡ଼ିକୁ ସରକାରଙ୍କ ତରଫରୁ ଲାଇସେନ୍ସ ମିଳିଥାଏ। ଏହାର କ୍ଷମତାକୁ ଯାଞ୍ଚ କରି ରାସ୍ତାରେ ଚଳାଚଳ ପାଇଁ ପରମିଟ୍ ଦିଆଯାଇଥାଏ। ମାଲ୍ ପରିବହନ କରୁଥିବା ଟ୍ରକ୍, ହାଇୱା, ପିକ୍‌ଅପ୍ ଭ୍ୟାନ୍, ୪୦୭ ଓ ଟାଟା ଏସି ଭଳି ଗାଡ଼ିଗୁଡ଼ିକୁ ସେମାନଙ୍କର କ୍ଷମତା ଆଧାରରେ ମାଲ୍ ପରିବହନ କରିବାକୁ ଲାଇସେନ୍ସ ମିଳିଥାଏ। ସେଥିରେ ଡ୍ରାଇଭରଙ୍କ ସମେତ ଜଣେ କିମ୍ବା ଦୁଇ ଜଣ ଯାଇପାରିବେ। ହେଲେ ଠିକାଦାରମାନେ ଶ୍ରମିକଙ୍କ ଜୀବନକୁ ବାଜି ଲଗାଇ ଦୈନିକ ସେମାନଙ୍କୁ ମାଲ୍ ପରିବହନ ଗାଡ଼ିରେ ଯାତାୟାତ କରାଉଥିବା ଦେଖାଯାଇଛି। ଏଥିସହ ଗରିବ ଶ୍ରେଣୀର ଲୋକେ ଏଥିରେ ଯାତାୟାତ କରୁଛନ୍ତି। ଏହା ଦୈନିନ୍ଦିନ ଘଟଣା ହୋଇଗଲାଣି। କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟିଲେ ଶହ ଶହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହେବା ସହ ସରକାର ଏଥିପାଇଁ ପଦକ୍ଷେପ ନେଇଥାନ୍ତି। ପୂର୍ବରୁ ବିଭିନ୍ନ ସମୟରେ ଜାତୀୟ ରାଜପଥରେ ତଦାରଖ କରାଗଲେ, ଏଭଳି ବିପଦପୂର୍ଣ୍ଣ ଯାତ୍ରାକୁ ଅଟକାଯାଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀଙ୍କୁ ପଚାରିବାରେ, ବିଭାଗୀୟ କର୍ମଚାରୀମାନେ ବହୁ ସମୟରେ ଜାତୀୟ ରାଜପଥରେ ଗାଡ଼ି ତନଖି କରୁଛନ୍ତି। କେତେବେଳେ କେମିତି ତାଙ୍କ ଦୃଷ୍ଟି ଆଢୁଆଳରେ ବେଆଇନ ଯାତ୍ରୀ ପରିବହନ ହୋଇଥାଇପାରେ। ତାଙ୍କ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



■ଚଣ୍ଡିଖୋଲ ଛକରେ ରହିଛି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ
■ପରିବହନ ଅଧିକାରୀ ଗାଡ଼ି ଯାଞ୍ଚ କରୁ ନ ଥିବା ଅଭିଯୋଗ

### ଯୁବ ରେଡକ୍ରସ୍ ଉପଦେଷ୍ଟା ସମ୍ବର୍ଦ୍ଧିତ



ଯାଜପୁରରୋଡ, ୧୭।୧୨ (ନି.ପ୍ର.)–

ଯାଜପୁର ଜିଲା ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରରୋଡସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଉପଦେଷ୍ଟା ସୁବାସ ଚନ୍ଦ୍ର ସ୍ୱାଇଁଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁଗୌଶ୍ୱେର କଲେଜ ଅଧକ୍ଷା ପଙ୍କଜିନୀ ପାଣି ଉପସ୍ଥିତ ରହି ଉପଦେଷ୍ଟା ସୁବାସଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରଶଂସା କରିଛନ୍ତି।

## ■ବ୍ଲକସ୍ତରୀୟ ଶିଶୁ ଉତ୍ସବ

# ଜିଲାସ୍ତରକୁ ମନୋନୀତ ୨୧ ପ୍ରତିଯୋଗୀ

ଦଶରଥପୁର,୧୭।୧୨(ଡି,ଏନ.ଏ.)

ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତସ୍ଥିତ ଦାମୋଦରପୁର ରଘୁନାଥ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ବ୍ଲକ ଅଞ୍ଚଳର ୨୧ ବିଦ୍ୟାଳୟର ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀଙ୍କ ମଧ୍ୟରୁ ବିଭିନ୍ନ ବିଦ୍ୟାଳୟର ୪୮ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେଥିମଧ୍ୟରୁ ୨୧ ଜଣ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। କ୍ରୀଡ଼ା ପ୍ରତିଯୋଗିତା ପରେ ବ୍ଲକ ଓଷ୍ଟା ସଭାପତି ତଥା ବଡକୁଆଁଳ ହାଇସ୍କୁଲର ପ୍ରଧାନଶିକ୍ଷକ ବିପିନ୍ ରାୟଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ଯାଜପୁର ଓଷ୍ଟାର ପୂର୍ବତନ ସମ୍ପାଦକ ଧନଞ୍ଜୟ କେଶରୀ ରାଉତରାୟ ମୁଖ୍ୟଅତିଥି, ଭଦ୍ରକ ଜିଲା ଓଷ୍ଟାର ପୂର୍ବତନ ସମ୍ପାଦକ ସାଧୁଚରଣ ଷଡଙ୍ଗୀ ମୁଖ୍ୟବକ୍ତା, ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସବୁଜ ଦୁନିଆ ଗଢ଼ିବାରେ ଯାଜପୁର ଜିଲା ଉଦାହରଣ ପାଲଟିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଦିଗମ୍ବର ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ ସାହୁ, ଉପସଭାପତି ଜ୍ଞାନରଞ୍ଜନ ତ୍ରିପାଠୀ, ଜିଲାପରିଷଦ ସଭ୍ୟ ସଞ୍ଜୟ କୁମାର ଲେଙ୍କା, ଯୁଗ୍ମ ସମ୍ପାଦକ ରଶ୍ମିରଞ୍ଜନ ବେହେରା ଏବଂ ସମ୍ପାଦକ ଶିଶିର କୁମାର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। କିଶୋର କୁମାର ମଲ୍ଲିକ, ପ୍ରଦୀପ ପଲେଇ, ପ୍ରଦୀପ ସାହୁ, କରୁଣାକର ସାହୁ, ଚତୁର୍ଭୁଜ ରାଉତ, ମଧୁସୂଦନ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଓଷ୍ଟା ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ଉତ୍ସବ ।

### ରକ୍ତଦାନ ଶିବିର

ବରୀ,୧୭।୧୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରୀ ବିଡିଓ ପ୍ରଭାସ ବେଉରିଆ, ଭାରପ୍ରାପ୍ତ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ, ଆନୁଷ୍ଠାନିକଭାବେ ଶିବିର ଉଦ୍‌ଘାଟନ କରିଥିଲେ। ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାନ ମହାପୁଣ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ଦାସ, ବ୍ଲକ ଅଧକ୍ଷା ସୁନନ୍ଦା ଦାସ, ସହକାରୀ ଯନ୍ତ୍ରୀ ଶିତଳେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗିତୀକାର ଦିଲୀପ ଜେନା, ସୁରେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡକ୍ରସ୍ ପକ୍ଷରୁ ଶିବିର ପରିଚାଳନା କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ସତ୍ୟ ମିଶ୍ର, ବିମଳ ଦାସ, ନିର୍ମଳ ଦାସ ପ୍ରମୁଖ ସହାୟତା କରିଥିଲେ।

## ■୧୦ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

# ମଧୁବାବୁ, କଳାକାର ଭତ୍ତା ବଣ୍ଟନ




ପିଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

ଧର୍ମଶାଳା, ୧୭।୧୨(ଡି.ଏନ୍.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୦ଟି ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୩ନମ୍ବର ଜିଲା ପରିଷଦ ଜୋନ୍‌ର କୁମାରୀ, ଗଙ୍ଗାଧରପୁର, ଥାନୁଆଳ, ପାଖର, ଆରୁହା, ହରିଦାସପୁର, ନେଉଳପୁର, କ୍ଷେତ୍ରପାଳ, କଣ୍ଟିଗାଡିଆ ତରଞ୍ଜିଆ ପ୍ରଭୃତି ୧୦ଟି ଗ୍ରାମପଞ୍ଚାୟତରେ ପର୍ଯ୍ୟାୟକ୍ରମେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ବିଡିଓ ଅମ୍ବିକା ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ, ସୁରେଖା ନାୟକ, ଜିଲା ସଂସ୍କୃତି ଅଧିକାରୀ ତଥା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୋହାନା ବେଗମ୍ ଯୋଗଦେଇଥିଲେ। ୧୫ଜଣଙ୍କୁ ମଧୁବାବୁ ପେନସନ, ୨୨ଜଣଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା, ୩୩ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଇନ୍‌ସେଟିଭ ଓ ୧୦୮ଜଣଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯାଇଛି। ବିଜେଡି ନିର୍ବାଚନମଣ୍ଡଳୀ ସଭାପତି ଜଳଧର ମହାନ୍ତି, ପ୍ରୟନାଥ ମହାପାତ୍ର, ରତ୍ନାବତୀ ନାୟକ, ରେଣୁବାଳା ଶତପଥୀଏବ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବିଭାଗୀୟ ଅଧିକାରୀ ଯୋଗ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଦୁର୍ଦ୍ଦଶାରେ ଶ୍ରେଷ୍ଠ ବିଡ଼ି କାରିଗର

ବିରଜାକ୍ଷେତ୍ର,୧୭।୧୨(ଡି.ଏନ୍.ଏ)

ଯାଜପୁର ସହରର ଜଣେ ଶ୍ରେଷ୍ଠ ବିଡ଼ି କାରିଗରଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରୋତ୍ସାହନ ଅଭାବରୁ ଯାଜପୁର ସହରର ଯୋଡ଼ିକୂଅ ଛକଠାରେ ସେକ୍ ସମତୁଲା (ଇଦା ଭାଇ) ଏକ ମାଟିପାତ୍ର ଦୋକାନ କରି ଜୀବିକା ନିର୍ବାହ କରୁଥିବା ପରିଲକ୍ଷିତ ହୋଇଛି। ୧୯୫୦ରେ ଜନ୍ମଗ୍ରହଣ କରିଥିବା ସେକ୍ ସମତୁଲା ୪ ସନ୍ତାନର ଜନକ ଅଟନ୍ତି। ଯୁବାବସ୍ଥାରୁ ବିଡ଼ି କାରିଗରଭାବେ ଯାଜପୁର ସମେତ ସାରା ଓଡ଼ିଶାରେ ଖ୍ୟାତି ଅର୍ଜନ କରିଥିଲେ। ୧୯୬୭ ମସିହାରେ ରାଜ୍ୟର ଶ୍ରେଷ୍ଠ ବିଡ଼ି କାରିଗରଭାବେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ମାତ୍ର ତାହାପରେ ସରକାରୀ ପ୍ରୋତ୍ସାହନ ନ ମିଳିବା ଓ କଞ୍ଚାମାଲ ଅଭାବରୁ ବିଡ଼ି ବାନ୍ଧିବା ସେକ୍ ସମତୁଲା ବନ୍ଦ କରିଦେଇଥିଲେ। ଏପରିକି କୌଣସି ବ୍ୟାଙ୍କ ବିଡ଼ି ବାନ୍ଧିବା ଓ କଞ୍ଚାମାଲ ପାଇଁ ଋଣ ପ୍ରଦାନ କଲେ ନାହିଁ। ସେକ୍ ସମତୁଲା ସରକାରୀ ଅଧିକାରୀଙ୍କୁ ଋଣ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କଲେ ନାହିଁ। ଦଶରଥପୁର ବ୍ଲକ୍ ଝୁମ୍ପୁରୀ ବଜାରରେ ଥିବା ବିଡ଼ି ଟ୍ରେନିଂ କେନ୍ଦ୍ରରେ ସେକ୍ ସମତୁଲା ବିଡ଼ିବନ୍ଧା ଟ୍ରେନିଂ ନେଇ ରାଜ୍ୟର ଶ୍ରେଷ୍ଠ ବିଡ଼ି କାରିଗରଭାବେ ପୁରସ୍କୃତ ହୋଇଥିଲେ। ବିଡ଼ି ତିଆରି କରିବା ପାଇଁ କୌଣସି ପ୍ରୋତ୍ସାହନ ନ ମିଳିବା ଓ ଅର୍ଥାଭାବରୁ ବିଡ଼ି ତିଆରି ଶେଷରେ ବନ୍ଦ କରି ଦେଇଥିଲେ। ୪ ଝିଅର ଜନକ ସେକ୍ ସମତୁଲା ଝିଅ ବିବାହ କରିପାରି ନାହାନ୍ତି। ବୃଦ୍ଧାବସ୍ଥାରେ ମାଟିପାତ୍ର ଓ ଚା'ଦୋକାନ କରି ପରିବାର ଭରଣପୋଷଣ କରୁଛନ୍ତି। ବର୍ତ୍ତମାନ ଯଦି ତାଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ ପୁନଶ୍ଚ ବିଡ଼ି ତିଆରି କରି ନିଜ ପରିବାର ଭରଣପୋଷଣ କରିପାରିବେ ବୋଲି ସେକ୍ ସମତୁଲା ପ୍ରକାଶ କରିଛନ୍ତି।



### ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତାଜ୍ଞାନ ପ୍ରତିଯୋଗିତା

ସିଂହପୁର,୧୭।୧୨(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନଛିପୁରସ୍ଥିତ ନୀଳାଦ୍ରୀ ବିହାର କମିଟି ଆନୁକୂଲ୍ୟରେ ରବିବାର ୩ୟ ଶ୍ରୀମଦ୍ ଭଗବତ୍ ଗୀତାଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରୀ ବିହାର ସେବାଧକ୍ଷ ଭକ୍ତ ନିରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବିଞ୍ଝାରପୁର ବ୍ଲକର ୩୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରୁଣେଇ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନନ୍ଦିତା ଗୁରୁ ପ୍ରଥମ, ଇତିନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସୌଭାଗ୍ୟ ସାମଲ, ଦେବଦତ୍ତ ସାହୁ, ସ୍ୱାତୀ ପ୍ରଜ୍ଞା ନାଥ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଆସନ୍ତା ୨୦ ତାରିଖରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ଖୋଲିଲା ଧାନମଣ୍ଡି

କୋରେଇ,୧୭।୧୨(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଖୋଲି ଧାନ କିଣା ହୋଇଛି। ସମବାୟ ସମିତି ସଭାପତି ମନ୍ମଥ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଗୁରୁବାର, ରବିବାର ଓ ଛୁଟିଦିନ ବ୍ୟତୀତ ସପ୍ତାହର ଅନ୍ୟ ଦିନଗୁଡ଼ିକରେ ଧାନ କିଣାଯିବ ବୋଲି ସମବାୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଚାଷୀଙ୍କଠାରୁ ୭ ହଜାର କ୍ୱିଣ୍ଟାଲ ଧାନ କିଣାଯିବାର ଯୋଜନା ରହିଛି। ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ଧାନ କିଣା ଯାଉଥିବା ବେଳେ ଜିଲା ନିୟନ୍ତ୍ରିତ ବଜାର କମିଟି ଏହାକୁ ପରିଚାଳନା କରୁଛି। କୃପାଳୁ ଓ ରଥ ରାଇସ ମିଲ୍‌କୁ ଧାନ କିଣିବାର ଦାୟିତ୍ୱ ଦିଆଯାଇଛି। ସମିତି ସମ୍ପାଦକ ନୀଳମଣି ମହାପାତ୍ର ଏହାକୁ ପରିଚାଳନା କରିଥିବା ବେଳେ ଡିଇଓ ମାନସ ବିହାରୀ ଓ କର୍ମଚାରୀ ବଳରାମ ରଣା ଧାନ କିଣିବାରେ ସହାୟତା କରିଥିଲେ। ଆର୍‌ଏମ୍‌ସି କର୍ମଚାରୀ ବାବୁଲି ସେଠୀ ଓ କୃପାଳୁ ରାଇସ୍ ମିଲର ତପନ ସାହୁ ଓ ନୀଳମଣି ମଲ୍ଲିକ, ସମିତି ଉପସଭାପତି ପଦ୍ମାବତୀ ଚକ୍ର, ସଭ୍ୟ ଦୁର୍ଯ୍ୟୋଧନ ସେଠୀ, ଲକ୍ଷ୍ମୀଧର ମହାନ୍ତି, ସୁଶାନ୍ତ ଭୂୟାଁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା ଯୁବମୋର୍ଚ୍ଚା

ସୁକିନ୍ଦା,୧୭/୧୨(ଡି.ଏନ.ଏ.)

ରେଙ୍ଗାଳି ଖନନ ତଥା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତିକୁ ନେଇ ସୋମବାର ସୁକିନ୍ଦା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ରେଙ୍ଗାଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶାସକ ଦଳର କର୍ମୀଙ୍କୁ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଉଥିବା ଯୁବ ମୋର୍ଚ୍ଚା ଅଭିଯୋଗ କରଛି। କାର୍ଯ୍ୟକ୍ରମରେ ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାର ୨ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଜାପାନ ସରକାରଙ୍କଠାରୁ ଋଣ ଆଣି ସୁକିନ୍ଦା ଅଞ୍ଚଳରେ କେନାଲ ଖନନ କାର୍ଯ୍ୟ କରିଛନ୍ତି। ହେଲେ ଉକ୍ତ କାମରେ ଅଞ୍ଚଳର ଜଣେ ମାତ୍ର ବି ଯୁବକ ନିଯୁକ୍ତ ପାଇବା ଦେଖିବାକୁ ମିଳୁନାହିଁ। କୋଟି କୋଟି ଟଙ୍କାର କାର୍ଯ୍ୟକୁ ବିନା ଟେଣ୍ଡରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ନିମ୍ନମାନର କାମ କରାଯାଇଥିବା ବୋଲି ସେ ଅଭିଯୋଗ କରିଛନ୍ତି। ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ନିର୍ବାହିଯନ୍ତ୍ରୀ କାର୍ଯ୍ୟାଳୟରେ ଚାଲିଥିବା ଲାଞ୍ଚ, ପିସି ଓ ବେଆଇନି ଠିକାଦାରୀ ଭଳି ଦୁର୍ନୀତିକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ନେଇ ଆଗାମୀ ଦିନାରେ ଆନ୍ଦୋଳନକୁ ତୀବ୍ରତର କରିବା ସହିତ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଠପ୍ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଯୁବ ମୋର୍ଚ୍ଚାର ଯାଜପୁର ଉପସଭାପତି ରବିନ୍ଦ୍ର ପୁହାଣଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ମଣ୍ଡଳ ସଭାପତି ପୁଷ୍ପକ ମହାପାତ୍ର, ରାଜକିଶୋର ଜେନା, ମନ୍ଦାକିନୀ ସେଠୀ, ରଶ୍ମୀରଞ୍ଜନ ଦେଓ, ତପବନ ଦେଓ, ସୁନାରାମ ମାରାଣ୍ଡି ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରକାଶ ବେହୁରା, ରଶ୍ମୀରଞ୍ଜନ ବେହୁରା, ଜିତେନ୍ଦ୍ର ବେହୁରା, ସମ୍ବିତ ବେହୁରା,ସମ୍ବିତ ନାୟକ,ସଂଗ୍ରାମ ଦାଶ ପ୍ରମୁଖ ଯୁବ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ■ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର

# ୩୧ ଅଭିଯୋଗର ତତ୍କାଳ ସମାଧାନ

ଦଶରଥପୁର,୧୭।୧୨(ଡି.ଏନ୍.ଏ.)

ଦଶରଥପୁର ବ୍ଲକର ସମ୍ମିଳନୀ ଗୃହରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମିନା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକ, ଏଡଏମ୍‌ଓ ରୁଦ୍ରପ୍ରତାପ କର, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ଦଶରଥପୁର ତହସିଲଦାର ଜ୍ୟୋତି ପ୍ରକାଶ ମହାନ୍ତି, ସିଡିପିଓ ମଞ୍ଜୁଳା ରଥ, ମଙ୍ଗଳପୁର ଆଇଆଇସି ବାମଦେବ ନନ୍ଦ, ଜିଲା ସହକାରୀ ଯୋଗାଣ ଅଧିକାରୀ ପ୍ରହ୍ଲାଦ ଚନ୍ଦ୍ର ସେଠୀ, ବ୍ଲକ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ଏପିଓ ଅମ୍ରିତା ଦାସ, ସିଡିପିଓ ମଞ୍ଜୁଳା ରଥ, ଜିଲା କୃଷି ଅଧିକାରୀ ବିମଳକାନ୍ତି ରଥ୍ତାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଦିଲ୍ଲୀପ କୁମାର ପଟେଲ, ବ୍ଲକ୍ ଶିକ୍ଷାଧିକାରୀ ଗୟାଧର ନନ୍ଦ, ନଗେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ମୋଟ୍ ୬୮ଟି ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୩୧ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ବ୍ୟକ୍ତିଗତ ଭାବେ ୬୨ ଓ ସାମୂହିକ ଭାବେ ୬ଟି ଅଭିଯୋଗ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବ୍ଲକ ଅଞ୍ଚଳରୁ ବହୁ ଅସହାୟ, ଗରିବ ଏବଂ ରୋଗୀ ସରକାରଙ୍କ ଆର୍ଥିକ ସହାୟତା ପାଇବା ପାଇଁ ଆସିଥିବାବେଳେ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି। ପାଳଟପୁର ପଞ୍ଚାୟତର ୭ ଦଳିତ ଭୂମିହୀନ ପରିବାରଙ୍କୁ ୪ ଡିସିମିଲ୍ କରି ଜମିଦେବା ଲାଗି ଜିଲାପାଳଙ୍କୁ ଉକ୍ତ ଦଳିତ ପରିବାରମାନେ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ, ଦୀର୍ଘ ୪୦ ବର୍ଷ ଧରି ଉକ୍ତ ଦଳିତ ପରିବାର ପଞ୍ଚାୟତର ସରକାରୀ ଜମି ଉପରେ ଛପର ଘର କରି ରହିଥିଲେ। କିଛିଦିନ ତଳେ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ସେମାନଙ୍କ ଘର ଭାଙ୍ଗି ଦିଆଯାଇଛି।




ଅଭିଯୋଗ ଶୁଣାଣିରେ ଉପସ୍ଥିତ ପଦାଧିକାରୀ ।



ଯେତେବେଳେ ତୁମ ଉପରେ ବିପଦ ଲଦି ହୋଇପଡୁଛି, ସେତେବେଳେ ବିଚାରି ନିଅ ଯେ ଭଗବାନ ତୁମର ମଙ୍ଗଳ ପାଇଁ ଏଭଳି କରୁଛନ୍ତି। ତା'ହେଲେ ତୁମେ ଭାଙ୍ଗିପଡିବ ନାହିଁ।
- ଇଡ୍‌ୱିନ୍ ହବେଲ୍ ଚାପିନ



## ସଂକ୍ଷେପରେ

### ବିଶ୍ୱଶାନ୍ତି ଗୀତା ଯଜ୍ଞ

ଓଡ଼ଗାଁ, ୧୭।୧୨(ସ୍ୱ.ପ୍ର.): ଜଗତ୍ କଲ୍ୟାଣ ନିମନ୍ତେ ଓଡ଼ଗାଁ ଗୋଟା ସାହିରେ ସୋମବାର ଏକ ଦିବସୀୟ ବିଶ୍ୱଶାନ୍ତି ଗୀତା ଘୃତ, ଜ୍ଞାନ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ମଣ୍ଡଳ କରଣ ଓ ଅଙ୍କୁରାରୋପଣ ପରେ ସୋମବାର ସକାଳ ୬ଟାରେ ୧୦୮ କଳସ ଯାତ୍ରା, ସୂର୍ଯ୍ୟପୂଜା, ଷୋଡଶ ଉପଚାର ପୂଜା ସହିତ ଶ୍ରୀମଦ୍ ଭଗବତ୍‌ଗୀତା ପାଠ ସହିତ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହିତ ଗୀତାଜ୍ଞାନ ଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସତ୍ୟନାରାୟଣ ଷଡଙ୍ଗୀ ଓ ପଣ୍ଡିତ ଶାନ୍ତନୁ କୁମାର ଦାଶ ଯଜ୍ଞାଦି କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଶାସନିକ ଅଧିକାରୀ କୁମାର ନାଗଭୂଷଣଙ୍କ ସହିତ ଗୀତା ଜ୍ଞାନ ଯଜ୍ଞ ପରିଚାଳନା କମିଟି ସଭାପତି ମଦନ ମୋହନ ମହାପାତ୍ର, ସମ୍ପାଦକ ବସନ୍ତ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ।

### କବିରାଜ ବୈଦ୍ୟନାଥ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ



ଭାପୁର,୧୭।୧୨(ଡି.ଏନ୍.ଏ.): ଭାପୁର ବ୍ଲକର ଚିନ୍ତାମଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ କବିରାଜ ବୈଦ୍ୟନାଥ ହାଇସ୍କୁଲ ସହ ମିଶି ନୂତନ ନାମ କବିରାଜ ବୈଦ୍ୟନାଥ ଚିନ୍ତାମଣୀ ନୋଡାଲ ହାଇସ୍କୁଲ ବାରବାଟୀ ନୂଆଗାଁ ହୋଇଛି। ଏହି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ବ୍ଲକ ଶିକ୍ଷାଧିକାରୀ ନୀଳକଣ୍ଠ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ୧୦୦, ୨୦୦, ୫୦୦ମିଟର ଦୌଡ଼, ଶଟପୁଟ, ଜାଭେଲିନ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ, ଖୋ ଖୋ, କବାଡି, ବ୍ୟାଡମିଣ୍ଟନ ଆଦି ପ୍ରତିଯୋଗିତାରେ ପ୍ରାୟ ୩ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଉତ୍ସବରେ ପ୍ରଧାନଶିକ୍ଷକ ମନୋଜ କୁମାର ଶତପଥୀ, ଆଡଭୋକେଟ ସନାତନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ। ଏହା ୩ଦିନ ଧରି ଚାଲିବ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଦଶପଲ୍ଲା,୧୭।୧୨ (ଡି.ଏନ.ଏ.): ଦଶପଲ୍ଲା ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରୁ ମୋଟ ୬୫ଟି ଅଭିଯୋଗ ଗ୍ରହଣ କରାଯାଇଛି। ଶିବିରରେ ଜିଲାପାଳ ଡା.ଏନ୍ ତିରୁମାଲା ନାୟକଙ୍କ ସମେତ ବିଡିଓ ଦେବୀ ପ୍ରସାଦ ମହାନ୍ତି, ତହସିଲଦାର ପ୍ରମୋଦ କୁମାର ଦଳବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହ ଏବଂ ଜିଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖୋଲିଲା ସରକାରୀ ଧାନମଣ୍ଡି

ନୟାଗଡ଼ ଅଫିସ,୧୭।୧୨



ଅତିରିକ୍ତ ଜିଲାପାଳ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

- ପ୍ରଥମ ଦିନରେ ୧୧ ଚାଷୀଙ୍କଠାରୁ ୪୨୬ କୁଇଣ୍ଟାଲ ଧାନକ୍ରୟ
- ୧୯ ଲକ୍ଷ କୁଇଣ୍ଟାଲ କ୍ରୟ କରାଯିବା ଲକ୍ଷ୍ୟ
- ଯୋଗଦେଲେନି କୃଷି ଓ ଏଆରସିଏସ୍ କାର୍ଯ୍ୟାଳୟ ଅଧିକାରୀ

ଜିଲା ଯୋଗାଣ ବିଭାଗ ଦ୍ୱାରା ନୟାଗଡ଼ ଜିଲାରେ ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ) ଜରିଆରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଖଣ୍ଡପଡ଼ା ରୋଡ଼ସ୍ଥିତ ନିୟନ୍ତ୍ରିତ ବଜାର କମିଟି ବାହାଡ଼ାଖୋଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଦାସ ଚାଷୀମାନେ ଧାନକୁ ଶୁଖାଇ ଏଫଏକ୍ୟୁ ମାନର ଧାନ ମଣ୍ଡିରେ ଦେବାକୁ ଅନୁରୋଧ କରିଥିଲେ। ସେହିଭଳି ୩ଦିନ ଭିତରେ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଯେପରି ପଇଠ କରାଯିବ ସେ ଦିଗରେ ସମିତି କର୍ମଚାରୀମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ବିକ୍ରମ କୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ପ୍ରଶାନ୍ତ କୁମାର ପରିଡ଼ା, ସଭାପତି ଲୋକନାଥ ସାହୁ, ଚାଷୀ ପ୍ରତିନିଧି ଗଙ୍ଗାଧର ପଣ୍ଡା, ମିଲର୍ସ ଆସୋସିଏଶନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୧୧ଜଣ ଚାଷୀଙ୍କଠାରୁ ୪୨୬.୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଗତବର୍ଷ ୧୫୫ଟି ପାକ୍ସରୁ ୩୫ ହଜାର ଚାଷୀଙ୍କଠାରୁ ୧୦ ଲକ୍ଷ ୮୫ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚଳିତବର୍ଷ ୧୫୪ଟି ପାକ୍ସରୁ ୧୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୩୯,୪୦୦ ଚାଷୀ ସେମାନଙ୍କ ନାମ ସମିତିରେ ପଞ୍ଜୀକୃତ କରିଛନ୍ତି। ୩୧ ତାରିଖ ପର୍ଯ୍ୟନ୍ତ ଚାଷୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରିବାକୁ ବୈଠକରେ ସୂଚନା ଦିଆଯାଇଥିଲା। ଗତବର୍ଷ ଜଳସେଚିତ ଜମିରୁ ଏକର ପିଛା ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରୁ ଏକର ପିଛା ୧୪ କୁଇଣ୍ଟାଲ ଧାନ ଚାଷୀଙ୍କଠାରୁ କିଣାଯାଇଥିଲା। କିନ୍ତୁ ଚଳିତବର୍ଷ ସରକାର ଏହି ନିୟମକୁ ଉଠାଇ ଦେଇଛନ୍ତି। ଚାଷୀମାନେ ଅମଳ କରିଥିବା ସମସ୍ତ ଧାନ ମଣ୍ଡିରେ ବିକ୍ରି କରିପାରିବେ ବୋଲି କୁହାଯାଇଥିଲା। ବୈଠକରେ ଯୋଗଦେଇଥିବା ଚାଷୀମାନେ ଧାନ ବିକ୍ରି ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅତିଥିମାନେ ଯେପରି ଏହାର ପୁନରାବୃତ୍ତି ନ ହେବ ସେ ଦିଗରେ ସମିତି ସମ୍ପାଦକମାନେ ଧ୍ୟାନ ଦେବାକୁ କହିଥିଲେ। ଶେଷରେ ନିୟନ୍ତ୍ରିତ ବଜାର କମିଟି ବାହାଡ଼ାଖୋଲାର ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ବୈଠକରେ ଜିଲା କୃଷି କାର୍ଯ୍ୟାଳୟ ଓ ଏଆରସିଏସ୍ କାର୍ଯ୍ୟାଳୟର କୌଣସି ଅଧିକାରୀ ଓ କର୍ମଚାରୀ ଯୋଗଦେଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନାଯୋଗ୍ୟ ଚଳିତବର୍ଷ ସାଧାରଣ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୧୭୫୦ ଟଙ୍କା ରହିଥିବା ବେଳେ ସରୁଧାନ ୧୭୭୦ ଟଙ୍କା ରହିଛି।

## ନାବାଳିକା ବଳାତ୍କାର ଅଭିଯୋଗ: ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

ନୟାଗଡ଼ ଅଫିସ,୧୭।୧୨

ସୋମବାର ନୟାଗଡ ଅତିରିକ୍ତ ଜିଲା ଓ ଦୌରାଜଜ୍ ଏକ ନାବାଳିକା ବଳାତ୍କାର ମାମଲାରେ ଜଣେ ଯୁବକଙ୍କୁ ୧୦ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଅଭିଯୁକ୍ତ ଯୁବକ ଜଣଙ୍କ ହେଲେ ନୂଆଗାଁ ବ୍ଲକ ଚାହାଳୀ ଗ୍ରାମର ସୁବାସ ନାଥ (୩୫)। ମାମଲାର ବିବରଣୀରୁ ପ୍ରକାଶ ଯେ, ୧୭ ଜାନୁୟାରୀ ୨୦୧୬ ମସିହାରେ ତୃତୀୟ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା (୮) ବିଦ୍ୟାଳୟରୁ ଘରକୁ ଫେରିଥିଲା। ଘରେ କେହି ନ ଥିବାରୁ ସେ ଦାଣ୍ଡରେ ଖେଳୁଥିଲା। ଏହି ସମୟରେ ସୁବାସ ତାକୁ ୫ ଟଙ୍କା ଦେବ କହି ଘରକୁ ଡ଼ାକି ନେଇଥିଲେ। ଘରେ କେହି ନ ଥିବାରୁ ସେ ନାବାଳିକାକୁ ବଳାତ୍କାର କରିଥିଲେ। ପରେ ଏ ବିଷୟରେ କାହାକୁ ଜଣାଇଲେ ତା' ସହିତ ମା'ବାପାଙ୍କୁ ମାରିଦେବା ପାଇଁ ସୁବାସ ଧମକ ଦେଇଥିଲେ। ଫଳରେ ନାବାଳିକା କାହାକୁ କିଛି କହି ନ ଥିଲା। ପର ଦିନ ଝିଅ ଦେହ ଅସୁସ୍ଥ ହେବା ନେଇ ମା' ପଚାରିବାରୁ ନାବାଳିକା ସବୁକଥା କହିଥିଲା। ୧୮ ତାରିଖରେ ନାବାଳିକାର ମାଆ ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫/୧୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁବାସଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ଡାକ୍ତରୀମାଇନା ହୋଇଥିଲା। ସୋମବାର ୧୫ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତି କରି ନୟାଗଡ଼ ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରସନ୍ନ କୁମାର ପଣ୍ଡା ସୁବାସଙ୍କୁ ୧୦ବର୍ଷ ଜେଲଦଣ୍ଡ ସହ ୧୩ହଜାର ଟଙ୍କା ଜରିମାନା ଶୁଣାଣି କରିଥିଲେ। ଜରିମାନା ଅନାଦେୟ ଅଧିକ ୧୩ ମାସ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ବଂଶୀଧର ରାଉତରା (ଫକୁ) ମାମଲା ପରିଚାଳନା କରିଥିଲେ।

## ମୁଥାଗାଡ଼ିଆରେ କାଉ ମଡ଼କ ଘଟଣା
## ମୃତ କାଉ ଜବତ କରି ପରୀକ୍ଷା ପାଇଁ ପଠାଗଲା

ନୟାଗଡ଼ ଅଫିସ,୧୭।୧୨

ନୟାଗଡ଼ ବ୍ଲକ ମୁଥାଗାଡ଼ିଆ ପଞ୍ଚାୟତର ମୁଥାଗାଡ଼ିଆ ଗ୍ରାମରେ ୩ଦିନ ହେଲା ଗୋଟିଏ ପରେ ଗୋଟିଏ କାଉ ମରିପଡୁଥିବା ଦେଖାଯାଇଥିଲା। ଗ୍ରାମବାସୀ ବାର୍ଡ ଫ୍ଲୁ ଆଶଙ୍କା କରି ଭୟଭୀତ ଅବସ୍ଥାରେ ରହିଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୋମବାର ପ୍ରାଣୀସମ୍ପଦ ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚିଥିଲା। ଏହି ଟିମ୍ ୩ଟି ମୃତ କାଉ ଜବତ କରି ପରୀକ୍ଷା ପାଇଁ କଟକ ପଠାଇଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ମୁରଲୀଧର ବେହେରା ପ୍ରକାଶ କରିଛନ୍ତି।

## ଖଣ୍ଡପଡା: ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ



ବିଧାୟକ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

ଖଣ୍ଡପଡା,୧୭।୧୨(ସ୍ୱ.ପ୍ର.)

ସୋମବାର ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଶିଖରପୁର, ରାଣୀପଡ଼ା ଓ ଗୁଣ୍ଠୁଣି ପଞ୍ଚାୟତରେ 'ପିଠା' (ପିପୁଲ୍‌ସ ଏମ୍ପାୱାରମେଣ୍ଟ ଇନବ୍ ଲିଙ୍ଗ ଟ୍ରାନ୍ସପାରେନ୍ସି ଆଣ୍ଡ ଆକାଉଣ୍ଟବିଲିଟି ଅଫ୍ ଓଡ଼ିଶା ଇନିସିଏଟିଭ୍‌ସ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ବିଭିନ୍ନ ପଞ୍ଚାୟତରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନା, ଆମ ଏଲ୍‌ଇଡି, ମିଶନ ଶକ୍ତି ସହାୟତା ଓ କଳାକାର ଭତ୍ତା ଆଦି ସାମାଜିକ ସୁରକ୍ଷା ସହାୟତା ସହ ନିର୍ମାଣ ଶ୍ରମିକ ସହାୟତା ଯୋଜନାରେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଶିଖରପୁର, ରାଣୀପଡା ଓ ଗୁଣ୍ଠୁଣି ସରପଞ୍ଚ ଯଥାକ୍ରମେ ନବ କିଶୋର ସାହୁ, ଅକ୍ରୁର ମହାରଣା ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ପିଠା କାର୍ଯ୍ୟକ୍ରମର ରୂପରେଖ ଓ ବିବରଣୀ ସମ୍ପର୍କରେ ବିଧାୟକ ଆଲୋକପାତ କରିଥିଲେ। ଏହି ଅବସରରେ ଗୁଣ୍ଠୁଣି ପଞ୍ଚାୟତରେ ୭୫ ଜଣ ହିତାଧିକାରୀଙ୍କୁ ସାଧାରଣ ଭତ୍ତା ଓ ୫ଜଣଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା । ସେହିପରି ରାଣୀପଡା ପଞ୍ଚାୟତର ୭ଜଣଙ୍କୁ କଳାକାର ଭତ୍ତା ଓ ୪୫ଜଣଙ୍କୁ ସାଧାରଣ ଭତ୍ତା ପ୍ରଦାନ କରାଯାଇଥିବା ଜଣାଯାଇଛି। ତେବେ ଶିଖରପୁର ପଞ୍ଚାୟତରେ ବହୁ ଯୋଗ୍ୟ କଳାକାର ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ କଳାକାର ହିତାଧିକାରୀ ତାଲିକାରେ ଶିଖରପୁର ପଞ୍ଚାୟତ ଏହି ଯୋଜନାରୁ ବାଦ ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମିଶନ ଶକ୍ତି ଦ୍ୱାରା ପରିଚାଳିତ ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କିସମର ପିଠା ଅତିଥିମାନଙ୍କୁ ପରଷା ଯାଇଥିଲା।

## ୪ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

ଦଶପଲ୍ଲା,୧୭।୧୨ (ଡି.ଏନ.ଏ.): ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ଓ ଏଥିରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ନେଇ ନୂତନ ଭାବେ ଆରମ୍ଭହୋଇଥିବା ପିଠା ଯୋଜନା ଦଶପଲ୍ଲା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ସୋମବାର ଟାକରା, ମଧ୍ୟଖଣ୍ଡ, କଳସାଖମଣ ଓ ଡିହଗାଁ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଡିହଗାଁଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଯୋଗଦେଇ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବିଡିଓ ଦେବୀପ୍ରସାଦ ମହାନ୍ତି, ସରପଞ୍ଚ ଶସ୍ମିତା ଦଳେଇଙ୍କ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ।

## ବାର୍ଷିକ ଶିଶୁକ୍ରୀଡା ପ୍ରତିଯୋଗିତା

ଦଶପଲ୍ଲା,୧୭।୧୨ (ଡି.ଏନ.ଏ.): ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପାସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅବକାଶ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜାମୁସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ରାୟ ମୁଖ୍ୟଅତିଥି, ଏସ୍ଏମ୍‌ସି ସଭାପତି ପ୍ରଫୁଲ୍ଲ କୁମାର ନାୟକ ମୁଖ୍ୟବକ୍ତା ଓ ଶିକ୍ଷକ ଡ. ଦୋଳଗୋବିନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଲୁରୁକୁମ୍ପା କ୍ଲଷ୍ଟରର ସିଆର୍‌ସିସି ଶରତ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତା ଆରମ୍ଭ କରିଥିଲେ। ୧୪ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଖେଳ ଶିକ୍ଷକ ଶୈଳେନ୍ଦ୍ର ମହାକୁଡ ଖେଳ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ପେଥାଇ ପ୍ରଭାବରେ କୋହଲା ପାଗ
## ସାଧାରଣ ଜୀବନଯାତ୍ରା ପ୍ରଭାବିତ

ଓଡ଼ଗାଁ, ୧୭।୧୨(ସ୍ୱ.ପ୍ର.)

ସାମୁଦ୍ରିକ ଝଡ ପେଥାଇ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ଦୁଇଦିନ ଧରି କୋହଲା ପାଗ ଅନୁଭୂତ ହୋଇଛି। ସୋମବାର ସକାଳୁ ସକାଳୁ ପାଗ ମେଘୁଆ ରହିଥିବାବେଳେ ମଝିରେ ମଝିରେ ଝିପିଝିପି ବର୍ଷା ଲାଗିରହିଥିଲା। ଏହାଦ୍ୱାରା ସାଧାରଣ ଜନଜୀବନ ସାମାନ୍ୟ ପ୍ରଭାବିତ ହୋଇଛି । ରାସ୍ତାଘାଟ ପ୍ରାୟତଃ ଶୂନ୍‌ଶାନ ରହିଥିବା ବେଳେ ଛାତ୍ରୀଛାତ୍ର ଅପରାହ୍ନ ୪ଟାରେ ସ୍କୁଲ ଛୁଟିବେଳେ ଝିପିଝିପି ବର୍ଷାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗଣମାଧ୍ୟମରେ ଆଗୁଆ ସତର୍କତା ସତ୍ତ୍ୱେ ଚାଷୀମାନେ ବିଲରୁ ପାଚିଲା ଧାନ ଅମଳ କରିବାରେ ବିଫଳ ହୋଇଛନ୍ତି। କେତେକ ତରବରିଆ ଭାବେ ମେଶିନ ସାହାଯ୍ୟରେ ଧାନ କାଟି ଅମଳ କରିବାକୁ ଉଦ୍ୟମ କରିଥିବା ବେଳେ ଆଉ କେତେକଙ୍କ ଧାନ ବିଲରେ ପଡିରହିଥିବା ଦେଖିବାକୁ ମିଳିଛି । ଅଧିକ ବର୍ଷା ହେଲେ ଚାଷୀ ମୁଣ୍ଡରେ ଚଡକ ପଡିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

## ଗଣିଆ-ବଡ଼ମୂଳ ପୂର୍ତ୍ତ ରାସ୍ତା
## ଯଜ୍ଞ ହେଲେ ମନେପଡ଼େ ରାସ୍ତା ମରାମତି

ଗଣିଆ,୧୭।୧୨(ଡି.ଏନ.ଏ.)



ମରାମତି ପରେ ବଡମୂଳ ରାସ୍ତାରୁ ପିଚୁ ଉଠିଯାଇଛି।

ନୟାଗଡ଼ ଜିଲା ଗଣିଆ-ବଡ଼ମୂଳ ପୂର୍ତ୍ତ ବିଭାଗ ୨୩ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡିଛି । ବହୁ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତାର ନବୀକରଣ ହୋଇପାରିନାହିଁ । ଫଳରେ ବହୁ ସ୍ଥାନରେ ରାସ୍ତା ଅଣଓସାରିଆ ହେବା ସହ ଖାଲଖମା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ପ୍ରତିବର୍ଷ ଡିସେମ୍ବର ମାସରେ କଳାପାଟ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ପୂର୍ବରୁ ପୂର୍ତ୍ତ ବିଭାଗ କର୍ମଚାରୀ ଏହି ରାସ୍ତାର କିଛି ସ୍ଥାନ ତାଳିପକା ମରାମତି କରି ଚୁପ୍ ରହୁଛନ୍ତି।

ଚଳିତ ଡିସେମ୍ବରରେ ଏହି ରାସ୍ତାର ୪ କିଲୋମିଟର ମରାମତି ପାଇଁ ୪ଲକ୍ଷ ୯୦ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ତେବେ ନିମ୍ନମାନର କାମ ଯୋଗୁ ମରାମତିର କିଛି ଦିନ ପରେ ପିଚୁ ଉଠିଯାଇ ନଷ୍ଟ ହୋଇଯାଉଛି । ଫଳରେ ରାସ୍ତା ପୂର୍ବପରି ଖାଲଖମାରେ ପରିଣତ ହେଉଛି । ପ୍ରତିବର୍ଷ ଏହି ସମୟରେ ୪ରୁ ୫ କିଲୋମିଟର ରାସ୍ତା ମରାମତି ନାଁରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି । ସୂଚନାଯୋଗ୍ୟ, ଏହି ରାସ୍ତା ଦେଇ ସ୍ଥାନୀୟ ଜନସାଧାରଣଙ୍କ ସମେତ ବଡମୂଳ ସାତକୋଶିଆ ପର୍ଯ୍ୟଟନ କେନ୍ଦ୍ରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଦୈନିକ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ଯାତାୟାତ କରିଥାନ୍ତି । ସେହିପରି ପ୍ରତିବର୍ଷ ରାସ୍ତାର ଉଭୟ ପାର୍ଶ୍ୱରୁ ଘାସଚାଞ୍ଛିବା ଓ ପଥପାର୍ଶ୍ୱ ଗଛଗୁଡିକରେ ଚୂନ ମାରିବା ନାଁରେ ବହୁ ଅର୍ଥ ବ୍ୟୟ କରାଯାଉଛି । ହେଲେ ରାସ୍ତାର ସ୍ଥାୟୀ ନବୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ନ ଥିବା ଜଣାପଡୁଛି ବୋଲି ଛାମୁଣ୍ଡିଆ ଅଞ୍ଚଳର ପ୍ରଦୀପ ନାୟକ ଅଭିଯୋଗ କରିଛନ୍ତି । ଅନ୍ୟପରି ରାସ୍ତାର ବିଭିନ୍ନ ସ୍ଥାନରେ ଥିବା କଲଭର୍ଟଗୁଡିକର ମରାମତି କରାଯାଉ ନ ଥିବାରୁ କେତେକ ସ୍ଥାନରେ ବିପଦସଙ୍କୁଳ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର ନବୀକରଣ ପାଇଁ ବହୁଦିନ ଧରି ସ୍ଥାନୀୟ ୪ ପଞ୍ଚାୟତର ଲୋକେ ଦାବି କରିଆସୁଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏହି ରାସ୍ତାର ନବୀକରଣ ପାଇଁ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ବହୁ ପର୍ଯ୍ୟଟକ ଦାବି କରିଛନ୍ତି । ଏ ସମ୍ପର୍କରେ ନୟାଗଡ ଜିଲା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡଙ୍ଗୀଙ୍କୁ ପଚାରିବାରୁ ସେ କୁହନ୍ତି ଯଦି କୌଣସିଠାରେ ରାସ୍ତା ନଷ୍ଟ ହୋଇଯାଇଛି ଆସନ୍ତା ବର୍ଷ ଆମେ ତାକୁ ମରାମତି କରିଦେବୁ ।

## ୯ମ ନୀଳମାଧବ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ
# ଜେନାପଦାକୁ ପରାସ୍ତ କରି ଇଟାମାଟି ଚାମ୍ପିୟନ

ଖଣ୍ଡପଡ଼ା,୧୭।୧୨(ସ୍ୱ.ପ୍ର.)




ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

କଣ୍ଟିଲୋ ନୀଳମାଧବ ଭଲିବଲ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସୋମବାର କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ପରିସରରେ ୯ମ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଏଥିରେ ଇଟାମାଟି ଭଲି କ୍ଲବ ଜେନାପଦା ଭଲିବଲ ଆସୋସିଏଶନକୁ ୨-୦ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ୮ ଭଲିବଲ କ୍ଲବ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ମ୍ୟାଚରେ ଯୁବ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ବଡବାଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟ ମ୍ୟାଚରେ କଣ୍ଟିଲୋ, ଇଟାମାଟି ଓ ଜେନାପଦା ଭଲିବଲ ଆସୋସିଏଶନ ବିଜୟୀ ହୋଇଥିବା ବେଳେ ୨ୟ ପର୍ଯ୍ୟାୟ ସେମିଫାଇନାଲରେ ଇଟାମାଟି ଦଳ କଣ୍ଟିଲୋ ଦଳକୁ ୨-୧ ସେଟରେ ପରାଜିତ କରିଥିଲା ମ୍ୟାଚରେ ଇଟାମାଟି ୨-୦ରେ ଜଟଣୀ ଦଳକୁ ହରାଇଥିଲା । ଫଳରେ ଇଟାମାଟି ଓ ଜେନାପଦା ଦଳଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ପାଇଁ ମୁକାବିଲା ହୋଇଥିଲା । ୩ୟ ପର୍ଯ୍ୟାୟ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଟାମାଟି ଦଳ ୨-୦ ସେଟରେ ଜେନାପଦାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ଏହି ଖେଳକୁ ରେଫରି ଶରତ ଚନ୍ଦ୍ର ସ୍ୱାଇଁ, ମାନଭଞ୍ଜନ ସାହୁ ଓ ଶଙ୍କର ପ୍ରସାଦ ମଲ୍ଲିକ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସୁମନ ମହାରଣା, ଅରମାନ କୁମାର ମହାରଣା ଓ ଶରତ ଚନ୍ଦ୍ର ଗଡନାଏକ ସହାୟତା କରିଥିଲେ । ଉଦ୍‌ଯାପନୀ ଦିବସରେ ନୀଳମାଧବ ଭଲିବଲ ଆସୋସିଏଶନର ସଭାପତି ତଥା ବାଣପୁର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ବିଗତ ୯ ବର୍ଷ ଧରି ଚାଲୁରହିଥିବା ଏହି ଟୁର୍ନାମେଣ୍ଟ ଆସନ୍ତା ବର୍ଷଠାରୁ ଆନ୍ତଃରାଜ୍ୟ ସ୍ତରୀୟ କରାଯିବାକୁ ସୂଚନା ଦିଆଯାଇଛି। ପରେ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଓ ରନର୍ସ ଅପ ଦଳଙ୍କୁ ଯଥାକ୍ରମେ ୬ହଜାର ଓ ୪ହଜାର ଟଙ୍କା ଆର୍ଥିକ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା।


SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସାଇ କୋର୍ ଆଣ୍ଡ କେମିକାଲ୍ସ, ଅଂଶୀଦାରମାନେ: ଦୋଡଲା ଲକ୍ଷ୍ମଣ ରାଓ,** ପିତା: ଦୋଡଲା ସତ୍ୟନାରାୟଣା ଏବଂ **ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ, ହନୁମାନ କଟନ୍ ଇଣ୍ଡଷ୍ଟ୍ରିଜ୍ କମଟାଲପେଟା ନିକଟ, ରାୟଗଡା-୭୬୫୦୦୧ | **ଜାମିନ୍‌ଦାର: ଶ୍ରୀ ଏମ୍. ନାଗଭୂଷଣ ରାଓ / ସମ୍ପତ୍ତିର ମାଲିକ: ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓ | **ଦୋଡଲା ମଣି,** ସ୍ୱାମୀ: ଦୋଡଲା ଲକ୍ଷ୍ମଣ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କମଟାଲପେଟା, ଖାତା ନଂ.: ୫୯/୯୧୭, ପ୍ଲଟ୍ ନଂ.: ୫୬୪/୧୭୨୦, କ୍ଷେତ୍ର: ଏକର୦.୫୫ଡିସିମିଲି, କିସମ: କ୍ଷୁଦ୍ର ଶିଳ୍ପ ଏବଂ ଖାତା ନଂ.: ୫୯/୮୮୫, ପ୍ଲଟ୍ ନଂ.: ୧୩୬, କ୍ଷେତ୍ର: ଏକର୧.୩୬ଡିସିମିଲି, କିସମ: ଘରବାରି, ଏହାର ଚାରିପାଖରେ- ପୂର୍ବ: ପ୍ଲଟ୍ ନଂ.: ୫୬୩ ଏବଂ ୫୬୨, ପଶ୍ଚିମ: ଦୋଡଲା ଲକ୍ଷ୍ମଣ ରାଓଙ୍କ ପ୍ଲଟ୍ ନଂ. ୫୫୬, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ଆଲମ ଗୋବିନ୍ଦଙ୍କ ପ୍ଲଟ୍ ନଂ. ୫୪୯ | ୨୦.୧୦.୨୦୧୬ | ୧୩.୧୨.୨୦୧୮ | ୩୦.୦୯.୨୦୧୬ ସୁଦ୍ଧା ଟ.୯୩,୧୪,୨୧୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ଗୌତମ ପଣ୍ଡା,** ପିତା: ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.: ୩୧୫, କଳାରାହାଙ୍ଗ, ଆର୍ଯ୍ୟନିଳୟ ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୨୪ | **ସମ୍ପତ୍ତିର ମାଲିକ: ଶ୍ରୀ ଗୌତମ ପଣ୍ଡା** | **ଶ୍ରୀ ଗୌତମ ପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁଜବଳ, ତହସିଲ: ରାୟଗଡା, ଖାତା ନଂ.: ୪୨/୨୨୨, ପ୍ଲଟ୍ ନଂ.: ୨୧/୪୫୫/୫୯୫, କ୍ଷେତ୍ର: ଏକର୧.୦୦ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ଶ୍ରୀମତୀ ନୀରା ସିହ୍ନାଙ୍କ ଜମି (ପ୍ଲଟ୍ ନଂ. ୨୧/୪୫୫), ପଶ୍ଚିମ: ପ୍ଲଟ୍ ନଂ. ୨୧/୪୬୩, ଉତ୍ତର: ପ୍ଲଟ୍ ନଂ. ୨୧ର ଅବଶିଷ୍ଟ ଜମି, ଦକ୍ଷିଣ: ପିଡବ୍ଲୁଡି ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୬୪,୯୯,୯୨୬.୭୯ + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ମେସର୍ସ ମାଝୀ ଗୌରୀ ରୋଲିଙ୍ଗ୍ ସଟର୍ସ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ବି. ଆନନ୍ଦ ରାଓ,** ରୋହିତ କଲୋନୀ, ତୃତୀୟ ଲେନ୍, ରାୟଗଡା-୭୬୫୦୦୧ | **ସମ୍ପତ୍ତିର ମାଲିକ: ବି. ଆନନ୍ଦ ରାଓ** | **ବି. ଆନନ୍ଦ ରାଓ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାୟଗଡା ସୁଙ୍କାରିମେଟ୍ଟୁ, ପିତାମହଲ, ତହସିଲ: ରାୟଗଡା, କମଟାଲପେଟା, ଖାତା ନଂ.: ୧/୩୩, ପ୍ଲଟ୍ ନଂ.: ୧୮/୭୨, ୧୯/୭୩, କ୍ଷେତ୍ର: ଏକର୦.୦୩୬ଡିସିମିଲି, ଏହାର ଚାରିପାଖରେ- ପୂର୍ବ: ବି. ପ୍ରସାଦ ରାଓଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ. ୧୧୬ ଏବଂ ୧୧୭), ପଶ୍ଚିମ: ବି. ରମେଶଙ୍କ ଜମି (ଲେଆଉଟ୍ ପ୍ଲଟ୍ ନଂ.: ୧୧୫), ଉତ୍ତର: ବିକ୍ରେତାଙ୍କ ଲେଆଉଟ୍ ପ୍ଲଟ୍ ନଂ. ୯୩, ଦକ୍ଷିଣ: ୩୦ ଫୁଟ ଚଉଡା ରାସ୍ତା | ୦୮.୧୦.୨୦୧୮ | ୧୩.୧୨.୨୦୧୮ | ୦୭.୧୦.୨୦୧୮ ସୁଦ୍ଧା ଟ.୩୧,୧୧,୯୮୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୧୩.୧୨.୨୦୧୮, ସ୍ଥାନ: ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



ଯେକୌଣସି କାମ କରିବାକୁ ଶ୍ରଦ୍ଧାର ସହିତ ଚେଷ୍ଟା କଲେ ଯେତେ ବାଧା, ବିଘ୍ନ ଓ ଅସୁବିଧା ଆସୁ ପଛେ ଲୋକ ନିଶ୍ଚୟ ସଫଳ ହେବା।
- ଜନ୍ ବେୟାର୍ଡ

## ସଂକ୍ଷେପରେ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ/ଖୋର୍ଦ୍ଧା ଅଫିସ୍, ୧୭।୧୨:** କଟକ ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ସୋମବାର ଯନ୍ତ୍ରୀ ବେହେରାଙ୍କ ଘର, ଅଫିସ ପ୍ରଭୃତି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ବେହେରାଙ୍କ ଖୋର୍ଦ୍ଧା ହସ୍ପିଟାଲ ରୋଡ୍‌ଠାରେ ଥିବା ୪ ମହଲା ଆବାସିକ କୋଠା, ନୟାଗଡ଼ ଜିଲା ଚାନ୍ଦପୁର ଶାସ୍ତ୍ରୀନଗରଠାରେ ଥିବା ଘର ଓ କଟକ କାର୍ଯ୍ୟାଳୟକୁ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୪୧ ଲକ୍ଷ ୬୩ହଜାର ୫୧୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ଯନ୍ତ୍ରୀ ବେହେରାଙ୍କ ସମେତ ତାଙ୍କ ପରିବାରବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।

### ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୩ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲିକା, ନୂଆପଡା ପଞ୍ଚାୟତ ପରିସରରେ ସରପଞ୍ଚ ମମତାମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ସମିତି ସଭ୍ୟ ଉତ୍ତମ କୁମାର ତରେଇ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ମହିଳା ଓ ଶିଶୁବିକାଶ ଅଧିକାରିଣୀ ମନୋରମା ଦେବୀ, କନିଷ୍ଠଯନ୍ତ୍ରୀ ପବିତ୍ର କୁମାର ମଲ୍ଲିକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀଗୁରୁ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସିଆଣ୍ଡି ପଞ୍ଚାୟତ ପରିସରରେ ସରପଞ୍ଚ ଅନୀତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଦସ୍ୟା ପ୍ରଭାତୀ ପ୍ରଧାନ, ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ କୁମାର ବେହେରା, କନିଷ୍ଠଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାମନ୍ତରାୟ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ ତରେଇ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ତିତିପ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାରେ କାର୍ଯ୍ୟନିର୍ବାହୀ ଅଧିକାରୀ କେଦାରନାଥ କର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଏହି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ସ୍ୱଂୟ ସହାୟକ ଗୋଷ୍ଠୀ ତରଫରୁ ପିଠା ପ୍ରସ୍ତୁତ କରାଯାଇ ବଣ୍ଟାଯାଇଥିଲା ।

### ଶ୍ରୀମଦ୍ ଭାଗବତ ପାରାୟଣ

**ଖୋର୍ଦ୍ଧା ଅଫିସ,୧୭।୧୨:** ବାଣପୁର ବ୍ଲକ ହଲନ୍ଦା ସନ୍ନିକଟ ମଠପଥର ପାହାଡର ଶ୍ରୀରାଧାମୋହନ ଦେବଙ୍କ ପୀଠରେ ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ ପଠନ, ପ୍ରବଚନ, ରୁକ୍ମିଣୀ ଶ୍ରୀକୃଷ୍ଣ ବିବାହ, ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ମହନ୍ତ ରାମକୃଷ୍ଣ ଦାସ, ଲାଲମୋହନ ଦାସ, ରଘୁନାଥ ଦାସ, କୃପାସିନ୍ଧୁ ଦାସ, ବିରୂପାକ୍ଷ ଦାସ ପ୍ରମୁଖ ଉତ୍ସବରେ ଯୋଗଦେଇ ପ୍ରବଚନ ଦେଇଥିଲେ।

### ଶ୍ରୀକ୍ଷେତ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଆକର୍ଷଣ ସାଜିଲା ମଣିପୁରର ଥାଙ୍ଗ୍ ଟା

**ପୁରୀ ଅଫିସ,୧୭।୧୨**

ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଷୋଡ଼ଶ ଶ୍ରୀକ୍ଷେତ୍ର ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଜାଗା ଆଖଡା ସଙ୍ଗୀତରୁ ଆରମ୍ଭ ହୋଇଥିଲା ଏହି ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ। ଜୀବନାନନ୍ଦ ଦାଶ ଓ ପ୍ରକାଶ କୁମାର ରଥ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ଜଗନ୍ନାଥ ମିଶ୍ର, ସଞ୍ଜୟ କୁମାର ପାତ୍ର, ଚନ୍ଦନ କୁମାର ଦାଶ ଏବଂ ରବିନାରାୟଣ ରଥ ସହଯୋଗ କରିଥିଲେ। ଏହାପରେ ଆକର୍ଷଣ ସାଜିଥିଲା ମଣିପୁରର ଥାଙ୍ଗ୍ ଟା। କଳାକାରମାନେ ମଞ୍ଚରେ ଦୁଃସାହସିକ ସମରକଳା ପ୍ରଦର୍ଶନ କରିଥିଲେ। ଖଣ୍ଡା, ବର୍ଚ୍ଛା ଆଦିର ଚାଳନା କରି ଦର୍ଶକଙ୍କ ମନରେ ଭୟ ସଞ୍ଚାରି ଦେଇଥିଲେ। ପରେ କାଳିକାଦେବୀ ସାହି ପକ୍ଷରୁ ଶ୍ରୀରାମ ଜନ୍ମନୀତି ପରିବେଷଣ କରାଯାଇଥିଲା। ଏଥିରେ ଗିରିଧାରୀ ପଣ୍ଡା ଶ୍ରୀରାମ, ଲୋକନାଥ ସାହୁ ଲକ୍ଷ୍ମଣ, କାର୍ତ୍ତିକେଶ୍ୱର ସାହୁ ଭରତ, ସତ୍ୟନାରାୟଣ ସାହୁ ଶତ୍ରୁଘ୍ନ, ମାନସ କୁମାର ଦାଶ ଋଷ୍ୟଶୃଙ୍ଗ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏହାପରେ ସତ୍ୟନାରାୟଣ ବାରିକ ନାଗା, ନାରାୟଣ ପଣ୍ଡା ଦୁର୍ଗାମେଢ଼, ରାଜେଶ ପଣ୍ଡା ନବଶିରା ବନ୍ଧାଇ ନୃତ୍ୟ କରିଥିଲେ। ସେହିପରି ହରଚଣ୍ଡୀ ସାହି ଆଖଡା ପକ୍ଷରୁ ସିଂହାରୀ ସତ୍ୟନାରାୟଣ କର ପର୍ଶୁରାମ, ବିଶ୍ୱନାଥ ସୁଆର ଶହସ୍ରାର୍ଜୁନ, ରାକେଶ କୁମାର ସାହୁ, ସୁରଜ କୁମାର ସାହୁ ଏବଂ ରାଜା ସୁଆର ଦୁର୍ଗାମେଢ଼, ସୁମିତ ପଣ୍ଡା କାଳୀମେଢ଼ ଓ ଭୀମସେନ ରାଉତ ନୃସିଂହ ମେଢ଼ ବନ୍ଧାଇ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ସମ୍ବଲପୁରୀ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ବିବିଧ ନୃତ୍ୟ ଓ ସମରକଳା ବେଶ୍ ମନୋମୁଗ୍ଧକର ହୋଇଥିଲା।

ଏହି ଅବସରରେ ମହୋତ୍ସବ ସଭାପତି ଭାଗୀରଥି ଖୁଣ୍ଟିଆ, ସମ୍ପାଦକ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, କାର୍ଯ୍ୟକାରୀ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସଙ୍ଗଠନ ସମ୍ପାଦକ ଫକୀର ପଣ୍ଡା, ଯୁଗ୍ମ ସମ୍ପାଦକ ଚକ୍ରଧର ମହାପାତ୍ର ଓ ନରେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଡ. ଶ୍ରୀନିବାସ ଆଚାର୍ଯ୍ୟ, କାଳିକାଦେବୀ ସାହି ସମ୍ପାଦକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ହରଚଣ୍ଡୀ ସାହି ସଭାପତି ଦୀନବନ୍ଧୁ ପ୍ରତିହାରୀ, ସମ୍ପାଦକ ନାରାୟଣ କୋଠାରୀ, ବିଶ୍ୱନାଥ ଭଞ୍ଜ, ରବିନାରାୟଣ ସୁପକାର, ଅନିରୁଦ୍ଧ ରାଉତ ପ୍ରମୁଖ ଯୋଗଦେଇଥିଲେ। ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବ ମହୋତ୍ସବରେ ଦେଖିବାକୁ ମିଳିଥିଲା। ଶୀତୁଆ ପବନ ସାଙ୍ଗକୁ ଝିପି ଝିପି ବର୍ଷା ଯୋଗୁ ହାତଗଣତି କେତେଜଣ ଦର୍ଶକ ଉପସ୍ଥିତ ଥିଲେ। ତେବେ ବିଦେଶୀ ପର୍ଯ୍ୟଟକ ଝିପି ଝିପି ବର୍ଷାରେ ଭିଜି ଏହି ପାରମ୍ପରିକ ନୃତ୍ୟର ମଜା ନେଇଥିଲେ।



ଶ୍ରୀକ୍ଷେତ୍ର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଚାକିରି କରାଇ ଦେବାକୁ କହି ଠକେଇ ଘଟଣା

# ର୍‍ୟାକେଟ୍ ମୁଖ୍ୟଙ୍କ ସୁରାକ୍ ପାଉନି ପୋଲିସ

**ପୁରୀ ଅଫିସ,୧୭।୧୨**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ କିରାଣି ଚାକିରି କରାଇଦେବାକୁ କହି ୪ ଯୁବକଙ୍କଠାରୁ ହୋଇଥିବା ଠକେଇ ଘଟଣାର ଖୋଳତାଡ଼ ଚଳାଇଛି ସିଂହଦ୍ୱାର ଥାନା ପୋଲିସ। ମୌଖିକ ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲେ ମଧ୍ୟ ର୍‍ୟାକେଟ୍ ମୁଖ୍ୟଙ୍କ ସୁରାକ୍ ପାଇନାହିଁ। ଧରାପଡିଥିବା ଅଭିଯୁକ୍ତ ଟିନାଙ୍କ ବୟାନରେ ତାଳମେଳ ରହୁ ନ ଥିବାରୁ ଘଟଣା ଏବେ ଜଟିଳ ହେବାରେ ଲାଗିଛି। ସୋମବାର ପୋଲିସ ଟିନାଙ୍କୁ ଧରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ସ୍ଥାନୀୟ ଅଞ୍ଚଳରେ ଚକ୍କର କାଟିଛି। ଟିନା ଯାହାଙ୍କ ନାଁ ନେଇଛନ୍ତି ତାଙ୍କୁ ଧରିବା ପାଇଁ ପୋଲିସ ପ୍ରାୟ ୩ ଘଣ୍ଟା ବିଭିନ୍ନ ସ୍ଥାନକୁ ଯାଇଥିଲେ ମଧ୍ୟ ସଫଳ ହୋଇନାହିଁ।

ଏ ସମ୍ପର୍କରେ ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଏହା ପଛରେ ଏକ ବଡ଼ଧରଣର ର୍‍ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ଟିନା ୪ ଜଣ ଯୁବକଙ୍କଠାରୁ ଟଙ୍କା ଆଣି ବାବୁ ନାମକ ଜଣେ ଯୁବକଙ୍କୁ ଦେଇଥିବା କହୁଛନ୍ତି। ବାବୁ ମନ୍ଦିର ନିକଟରେ ବୁଲାବୁଲି କରନ୍ତି ବୋଲି କହିବାରୁ ସୋମବାର ଟିନାଙ୍କୁ ଧରି ମନ୍ଦିର ଆଖପାଖ ଏବଂ କେତେକ ଜାଗାରେ ଚଢାଉ କରାଯାଇଥିଲା। ହେଲେ କୌଣସି ସୁରାକ୍ ମିଳିନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଟିନାଙ୍କ ଡକ୍ୟୁମେଣ୍ଟରେ ଆସିଥିବା ସିମ୍‌କୁ ବାବୁ ବ୍ୟବହାର କରୁଥିବା ସୋମବାର ଖୋଳତାଡ଼ରୁ ଜଣାପଡିଛି। ଅନ୍ୟପକ୍ଷରେ ବାବୁ ତାଙ୍କ ପାଖକୁ ଶେଷଥର ଶନିବାର ଫୋନ କରିଥିବା ଟିନା କହିଥିଲେ। ହେଲେ ପୋଲିସ କଲ୍ ଡିଟେଲ୍ସ ଯାଞ୍ଚ କରିବା ପରେ ଗତ ୧ ତାରିଖଠାରୁ ବାବୁ ଟିନାଙ୍କ ପାଖକୁ କଲ୍ କରି ନ ଥିବା ଜଣାପଡିଛି ବୋଲି ଆଇଆଇସି କହିଛନ୍ତି। ତେବେ ସତ ଓକାଳିବା ଲାଗି ପୋଲିସ ଏବେ କଠୋର ହେବ ବୋଲି ଆଇଆଇସି ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଖୋର୍ଦ୍ଧା ଜିଲା ଦଳେଇପୁଟର ଜୟନ୍ତ ପ୍ରଧାନ, ବବୁଲ ଜେନା, ସୋମେଶ ଦଳେଇଙ୍କ ସମେତ ୪ ଯୁବକଙ୍କୁ ପୁରୀର ଟିନା ଠକେଇ କରିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ କିରାଣି ଚାକିରି କରାଇଦେବାକୁ କହି ସେମାନଙ୍କଠାରୁ ପ୍ରାୟ ୮୭ ହଜାର ଟଙ୍କା ଠକି ନେଇଛନ୍ତି। ଟିନା ସେମାନଙ୍କୁ ଦେଇଥିବା ନିଯୁକ୍ତି ପତ୍ର ମିଥ୍ୟା ବୋଲି ଜାଣିବା ପରେ ଯୁବକମାନେ ଗତ ଶନିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜଣାଇବା ସହ ସିଂହଦ୍ୱାର ଥାନାରେ ମୌଖିକ ଭାବେ ଅଭିଯୋଗ କରିଥିଲେ।

### ସ୍ଥିତିବାନ ଜମିରେ କଟକଣା

# ପ୍ରତିବାଦରେ ଆସନ୍ତା ୨୯ରେ ବିଶାଳ ମାନବ ଶୃଙ୍ଖଳ

**ପୁରୀ ଅଫିସ,୧୭।୧୨**

ପୂର୍ବରୁ ଭୋଗ କରୁଥିବା ଭୂ ସମ୍ପତ୍ତି ଅଧିକାର ଫେରିପାଇବା ପାଇଁ ଆଞ୍ଚଳିକ ଭୂସମ୍ପତ୍ତି ସୁରକ୍ଷା ପରିଷଦ ୪ ବର୍ଷ ହେବ ସଂଗ୍ରାମ ଚଳାଇ ଆସୁଛି। ବାଟଗାଁ, ସମଙ୍ଗରା, ବାଲୁଖଣ୍ଡ ସାମିଲ ବାଲିଗୁଆଳି, ଆଳିକିଆ, ମଙ୍ଗରାଜପୁର, ରେଣ୍ଟୁଅ, ନୂଆପାଟଣା ଏବଂ କୋଣାର୍କ ଅଞ୍ଚଳର ବିଭିନ୍ନ ଗ୍ରାମବାସୀ ସେମାନଙ୍କ ଅଧିକାର ହରାଇ ବସିଛନ୍ତି। ପୂର୍ବରୁ ଭୋଗ କରୁଥିବା ଭୂ ସମ୍ପତ୍ତିର ଅଧିକାର ଫେରିପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜସ୍ୱ ମନ୍ତ୍ରୀ ଏବଂ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରୁଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ତେଣୁ ଆସନ୍ତା ୨୯ ତାରିଖରେ ଏହାର ପ୍ରତିବାଦରେ ଅଠରନଳାଠାରୁ ମାଳତିପାଟପୁର ପର୍ଯ୍ୟନ୍ତ ଏକ ବିଶାଳ ମାନବ ଶୃଙ୍ଖଳ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବ ବୋଲି ଆଞ୍ଚଳିକ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି। ସଂଘର ମୁଖ୍ୟ ଉପଦେଷ୍ଟା ଉମାବଲ୍ଲଭ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶାନ୍ତିପୂର୍ଣ୍ଣ ପ୍ରତିବାଦର ରୂପରେଖ ସ୍ଥିର ହୋଇଛି। ଏଥିରେ ୧୮ଟି ଗ୍ରାମର ପ୍ରାୟ ୫ ହଜାର ଲୋକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୮ଟି ଗ୍ରାମର ପ୍ରାୟ ୧୦ ହଜାର ଏକରରୁ ଊର୍ଦ୍ଧ୍ୱ ଜମି କ୍ଷତି ହେଉଛି ବୋଲି ସମ୍ମିଳନୀରେ କୁହାଯାଇଛି।

ମୁଖ୍ୟ ଉପଦେଷ୍ଟା ରଥ କହିଛନ୍ତି, ପୁରୀ ତଥା ଆଖପାଖ ଅଞ୍ଚଳରେ ଶତାଧିକ ଏକର ସରକାରୀ ଜମି ଶାସକ ଦଳର ଜଣେ ନେତା ବେଆଇନ ଭାବେ ଜବରଦଖଲରେ ରଖିଛନ୍ତି। ତାଙ୍କ ପରିବାର, ସମ୍ପର୍କୀୟମାନେ ଏହି ଜମିରେ କୋଠା ନିର୍ମାଣ କରି ମାଲାମାଲ ହେଉଛନ୍ତି। ଅନ୍ୟପଟେ ବଂଶାନୁକ୍ରମେ ସେବା ଓ ଦାନ ସୂତ୍ରରେ ପାଇଥିବା ଶ୍ରୀମନ୍ଦିର ଜମିକୁ ଭୋଗ ଦଖଲ କରୁଥିବା ବ୍ୟକ୍ତିଙ୍କୁ ଉଚ୍ଛେଦ କରାଯାଉଛି। ଏହା ଦ୍ୱାରା ଶତାଧିକ ଚାଷୀ, ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି। ସ୍ଥିତିବାନ ପଟ୍ଟା ଜମି ଉପରୁ ଶ୍ରୀମନ୍ଦିର ପ୍ରଶାସନ କଟକଣା ହଟାଇବାକୁ ପରିଷଦ ଦାବି କରିଛି।

ଖବରଦାତା ସମ୍ମିଳନୀରେ ବିଭିନ୍ନ ଗ୍ରାମର ସଭାପତି ଏବଂ ଗ୍ରାମ୍ୟ କମିଟି ସହିତ ପରିଷଦର ସଭାପତି ରବୀନ୍ଦ୍ର ନାୟକ, ସମ୍ପାଦକ ଆଲୋକ ନାୟକ, ଉପଦେଷ୍ଟା ପୀତବାସ ନାୟକ, ଶଶିକାନ୍ତ ଶତପଥୀ, ଦାମୋଦର ମହାପାତ୍ର, ସ୍ୱାଧୀନ ପଣ୍ଡା, ଗୋପାଳ ଖୁଣ୍ଟିଆ, ଧଡ୍ଡୁ ପ୍ରଧାନ ଏବଂ ପର୍ଶୁରାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

**ପ୍ରଭାବଶାଳୀ ନେତାଙ୍କ କବ୍‌ଜାରେ ଶତାଧିକ ଏକର ସରକାରୀ ଜମି**



ଖବରଦାତା ସମ୍ମିଳନୀରେ ଅତିଥିମାନେ।

### ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା

**ପୁରୀ ଅଫିସ,୧୭।୧୨**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଅବସରରେ ବିଦ୍ୟାଳୟସ୍ତରୀୟ ଚେସ୍ ପ୍ରତିଯୋଗିତା ବଳିଆପଣ୍ଡାସ୍ଥିତ କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୬୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ମିନି ଗ୍ରୁପ୍ ଏବଂ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବ୍‌ଜୁନିୟର ଗ୍ରୁପ୍‌ରେ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନର ସଭାପତି ଦାମୋଦର ପ୍ରଧାନୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଦସ୍ୟମାନଙ୍କ ଉପସ୍ଥିତିରେ ଶ୍ୟାମଲ କୁଣ୍ଡୁ ଓ ଦେବାଶିଷ ମିଶ୍ର ଖେଳ ପରିଚାଳନା କରିଥିଲେ। ମିନି ଗ୍ରୁପ୍‌ରେ ମନୀଷା ରାୟ ପ୍ରଥମ, ଅନୀଶ ଜେନା ଦ୍ୱିତୀୟ ଏବଂ ଅସ୍ମି ଆୟଂଶ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସବ୍‌ଜୁନିୟର ଗ୍ରୁପ୍‌ରେ ଦିବ୍ୟରଞ୍ଜନ ସ୍ୱାଇଁ ପ୍ରଥମ, ସତ୍ୟଜିତ ମିଶ୍ର ଦ୍ୱିତୀୟ ଏବଂ ପ୍ରିୟଙ୍କା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଉଭୟ ବିଭାଗରେ ଚତୁର୍ଥରୁ ଦଶମ ସ୍ଥାନ ମଧ୍ୟରେ ରହିଥିବା ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

# ପ୍ରତିଶ୍ରୁତି ପରେ ଆତ୍ମହତ୍ୟା ଚେତାବନୀରୁ ଓହରିଲେ ସଙ୍ଗୀତା

**ପୁରୀ ଅଫିସ,୧୭।୧୨**

୨୦୧୭ରେ ଆଇନଜୀବୀ ସଞ୍ଜୟ ତ୍ରିପାଠୀ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ଘରକୁ ଫେରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ତାଙ୍କ ସ୍ତ୍ରୀ ସଙ୍ଗୀତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରି କି ନ୍ୟାୟ ଲାଗି ଏସ୍‌ପି ଏବଂ ଜିଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ। ସବୁଆଡୁ ନିରାଶ ହେବା ପରେ ନ୍ୟାୟ ଲାଗି ଗତ ନଭେମ୍ବର ୧୧ରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ୧୫ ଦିନ ମଧ୍ୟରେ ନ୍ୟାୟ ପ୍ରଦାନ କରା ନ ଗଲେ ସୋମବାର ପୁରୀ ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଥିଲେ। ଏ ନେଇ ସଙ୍ଗୀତା ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ପୁରୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ସେବାକେନ୍ଦ୍ରର ଏକ ଟିମ୍ ଗାଡି ସହ ପ୍ରସ୍ତୁତ ହୋଇ ରହିଥିଲେ। ତାଙ୍କ ଅଭିଯୋଗ ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଙ୍ଗୀତ ଆତ୍ମହତ୍ୟା ଭଳି ପଦକ୍ଷେପରୁ ଓହରିଥିବା ଜଣାପଡିଛି।

ସଙ୍ଗୀତା କହିଛନ୍ତି, ସେ ବର୍ତ୍ତମାନ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ସ୍ୱାମୀଙ୍କ ଚିକିତ୍ସା, ପୁଅ ପଢା ଖର୍ଚ୍ଚ ଏବଂ ପରିବାର ଚଳାଇବା ଲାଗି ସମସ୍ୟା ହେଉଛି। ପରିବାରରେ ଆଉ କେହି ରୋଜଗାରିଆ ବ୍ୟକ୍ତି ନ ଥିବାରୁ ସେ ବର୍ତ୍ତମାନ ଅସହାୟ ହୋଇପଡିଛନ୍ତି। ଜିଲା ପ୍ରଶାସନ ଅଧୀନରେ ନିଯୁକ୍ତି ଦେବା ଲାଗି ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ବାଧ୍ୟହୋଇ ଆତ୍ମହତ୍ୟା କରିବାକୁ ସେ ଚେତାବନୀ ଦେଇଥିବା ଗଣମାଧ୍ୟମକୁ କହିଛନ୍ତି।

# ବାର୍ଡ ଫ୍ଲୁ : ମରାଗଲାଣି ୭୩୧୫ କୁକୁଡ଼ା

## ସନ୍ଧ୍ୟାରେ ହିତାଧିକାରୀଙ୍କୁ ମିଳୁଛି କ୍ଷତିପୂରଣ

**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ ଫ୍ଲୁ ଚିହ୍ନଟ ପରେ ୪ ଦିନ ହେଲା କୁକୁଡ଼ାମରା ଅଭିଯାନ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୭୩୧୫ କୁକୁଡ଼ା ମାରି ପୋତି ଦିଆଯାଇଛି। ଦାନା ଓ ଖାଦ୍ୟକୁ ମଧ୍ୟ ପୋତାଯାଇଛି । କୁକୁଡ଼ା ମାରିବା, ବିଶୋଧନ କରିବା ଓ ନୂଆ ସ୍ଥାନ ଚିହ୍ନଟ କରିବା ପାଇଁ ନିୟୋଜିତ ହୋଇଛନ୍ତି ୧୦ ଟିମ୍ । ୧ମ ଦିନରେ ୩୧୯, ୨ୟ ଦିନରେ ୨୭୬ ଓ ୩ୟ ଦିନରେ ୩୬୩୦ଟି କୁକୁଡ଼ା ମରାଯାଇଛି। ୪ର୍ଥ ଦିନରେ ହୁଁଜଣ ଗାଁରେ ୯୫ କେଜି ଖାଦ୍ୟ ଓ ୩୦୧୦ଟି କୁକୁଡ଼ାକୁ ମାରି ପୋତି ଦିଆଯାଇଛି। ମାଲୁଦ ମୁସଲିମ୍ ବସ୍ତିରେ କେତେଜଣ ବ୍ୟକ୍ତି କୁକୁଡ଼ା ଦେବା ପାଇଁ ରାଜି ହେଉ ନ ଥିବା ବେଳେ ସରକାରୀ ଧାର୍ଯ୍ୟ ଦରରେ କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ସେମାନେ ଦେଇଥିଲେ। ଉଲ୍ଲେଖଯୋଗ୍ୟ କି, ବାର୍ଡଫ୍ଲୁରେ ମରିଥିବା କିମ୍ବା କର୍ମଚାରୀ ଗୋଡ଼ାଇ ଧରିଥିବା କୁକୁଡାର କ୍ଷତିପୂରଣ ଦିଆଯାଏ ନାହିଁ । କୁକୁଡ଼ା ମାଲିକମାନେ ହିଁ ଏହି ସୂଚନା ଦେଇଥାନ୍ତି ଓ ସେମାନଙ୍କୁ ମରାଯିବା ପରେ କ୍ଷତିପୂରଣ ମିଳିଥାଏ। ବ୍ରାହ୍ମଣଦେଓ ଫାର୍ମରୁ ୩୬୦୦ ବ୍ରଏଲର ଓ ହୁଁଜଣର ଏକ ଫାର୍ମରୁ ୩୦୧୦ କୁକୁଡ଼ା ମରାଯାଇଛି । ଅପରାହ୍ନ ୪ଟା ସୁଦ୍ଧା କୁକୁଡ଼ା ମାରି ପୋତିବା ପରେ ସନ୍ଧ୍ୟାରେ ହିତାଧିକାରୀମାନଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉଥିବା ପୁରୀ ସବ୍‌ଡିଭିଜନାଲ ମୁଖ୍ୟ ଚିକିତ୍ସକ ଅନିଲ କୁମାର ଦାଶ ଏବଂ କୃଷ୍ଣପ୍ରସାଦ ଡାକ୍ତରଖାନା ଚିକିତ୍ସକ ଦୟାନିଧି ବେହେରା ପ୍ରକାଶ କରିଛନ୍ତି ।




ହିତାଧିକାରୀଙ୍କୁ କ୍ଷତିପୂରଣ ଦିଆଯାଉଛି।

# ମୌଳିକ ସୁବିଧାରୁ ବଞ୍ଚିତ ୪୨ ଆଦିବାସୀ ପରିବାର

**ମନୋରଞ୍ଜନ ମିଶ୍ର**
**ବୋଲଗଡ଼,୧୭।୧୨**

ଗ୍ରାମାଞ୍ଚଳର ବିକାଶ, ଗରିବ ଓ ଆଦିବାସୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରିଛନ୍ତି। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ଉଦାସୀନତା ଏବଂ ତଦାରଖ ଅଭାବରୁ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତସ୍ଥ କୃଷ୍ଣପୁର ମୌଜାର ପାହାଡ ତଳେ ରହୁଥିବା ୪୨ ଆଦିବାସୀ ପରିବାରଙ୍କୁ ଦେଖିଲେ ଏହା ଜଣାପଡ଼େ। ଏଠାରେ ରାସ୍ତା ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ସାତସପନ ପାଲଟିଛି। ଶଅର ଏବ ସବର ଜାତିର ଆଦିବାସୀମାନେ ଏଠାରେ ରହୁଥିଲେ ମଧ୍ୟ ଜାତି ପ୍ରମାଣପତ୍ର ମଧ୍ୟ ଏମାନେ ପାଇପାରୁନାହାନ୍ତି। ସ୍ଥାନାଭାବ ସମସ୍ୟା ନେଇ ୨୦ ବର୍ଷ ପୂର୍ବରୁ ଏମାନେ ମୂଳ ଗ୍ରାମ ଜରିପଡ଼ାରୁ ୨କିମି ଦୂର ପାହାଡ ତଳକୁ ଆସି ଝାଟିମାଟି କୁଡିଆରେ ଦିନ ବିତାଉଛନ୍ତି। ଭୁବନେଶ୍ୱରଠାରୁ ପ୍ରାୟ ୭୦ କିମି ଦୂରସ୍ଥିତ ଏହି ଗ୍ରାମଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା କୁହାଯାଇଛି। ଅନେକ ସରକାରୀ ସୁବିଧା ଓ ସୁଯୋଗରୁ ବଞ୍ଚିତ ଗାଁଟି ଅତି ଅନୁନ୍ନତ ଓ ପଛୁଆ ଅଞ୍ଚଳ ଭାବେ ପରିଚିତ। କପାମାଳ ଅଞ୍ଚଳ ଗୋଜା ମୁଣ୍ଡିଆ ପାହାଡ଼ ତଳେ ରହୁଛନ୍ତି ୭ ଆଦିବାସୀ ପରିବାର। ଏଠାରେ ଥିବା ଏକମାତ୍ର ନଳକୂପର ଜଳ ଲୌହଗନ୍ଧଯୁକ୍ତ, ଫ୍ଲୋରାଇଡ୍ ମିଶ୍ରିତ। ତେଣୁ ଲୋକେ ଏହାକୁ ବ୍ୟବହାର ନ କରି କୂଅ ଖୋଳି ପାନୀୟଜଳ ବ୍ୟବହାର କରୁଛନ୍ତି ବୋଲି ଜହ୍ନ ନାୟକ କହିଛନ୍ତି। ଏହାର ଅଧା କିମି ଦୂରରେ ଖୁର ମୁଣ୍ଡିଆ ତଳେ ରହୁଛନ୍ତି ୧୮ ଆଦିବାସୀ ପରିବାର। କିଛି ଦୂରରେ ପଡ଼େ ପାଟବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ଏହି ଅଞ୍ଚଳରେ ରହୁଛନ୍ତି ୯ ଆଦିବାସୀ ପରିବାର। ନିକଟସ୍ଥ ସଙ୍ଗନାଦିଆ ସାହିରେ ମଧ୍ୟ ୮ ଆଦିବାସୀ ପରିବାର ବସବାସ କରୁଛନ୍ତି। ଏଠାରେ ରାସ୍ତାଘାଟ ଓ ପାନୀୟ ଜଳର ଘୋର ଅଭାବ। ଅଙ୍ଗନୱାଡି ନ ଥିବାବେଳେ ଏକମାତ୍ର ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ନାହିଁ। ବର୍ଷା ଦିନରେ ରାସ୍ତାଟି ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼େ। ଡାକ୍ତରଖାନା ଯିବାକୁ ଖଟିଆ ହିଁ ଏକମାତ୍ର ଭରସା ବୋଲି ଗୌରାଙ୍ଗ ସ୍ୱାଇଁ କହିଛନ୍ତି। ଦୂରରେ ଥିବା ଯୋଗୁ ପାଟବନ୍ଧସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ପିଲାମାନେ ସବୁବେଳେ ଯାଇପାରନ୍ତି ନାହିଁ ବୋଲି କହନ୍ତି ମୁନା ଜେନା। ଏଠାରେ ମଧ୍ୟ କୂଅ ଖୋଳି ଲୋକେ ପାନୀୟଜଳ ସଂଗ୍ରହ କରୁଛନ୍ତି। ଦୈନିକ ମୂଲ ମଜୁରି ନ କଲେ ଆୟର ଅନ୍ୟ କୌଣସି ମାଧ୍ୟମ ନାହିଁ। ତେଣୁ ଜୀବନ ବିତାଇବା ଏହି ଆଦିବାସୀଙ୍କ ପାଇଁ ଅତି ଜଟିଳ ହୋଇପଡ଼ିଛି। ସ୍ଥାନୀୟ ଆଦିବାସୀମାନେ ନିଶ୍ଚିତ କର୍ମନିଯୁକ୍ତି, ଜାତି ପ୍ରମାଣପତ୍ର ଓ ବିଭିନ୍ନ ସରକାରୀ ସୁବିଧାରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇ ଆସୁଛନ୍ତି। ତେଣୁ ନିଜର ସର୍ବନିମ୍ନ ମୌଳିକ ସୁବିଧା ପାଇବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି ଏମାନେ। ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ଏ ବିଷୟରେ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସାମାଜିକ କର୍ମୀ ସୁଦର୍ଶନ ଦେବତା କହିଛନ୍ତି। ଏ ସମ୍ପର୍କରେ ବୋଲଗଡ଼ ବିଡିଓ ମଧୁସୂଦନ ବେହେରା କହିଛନ୍ତି, କୃଷ୍ଣପୁର ଅଞ୍ଚଳ ପାହାଡ ତଳେ ଥିବା ଆଦିବାସୀ ବସତି ପାଇଁ ଆସନ୍ତା ଖରାଦିନରେ ପାନୀୟଜଳ ବ୍ୟବସ୍ଥା ସହ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ପୂର୍ବତନ ସମିତି ସଭ୍ୟ ତପନ କୁମାର ପ୍ରଧାନ ଆଦିବାସୀଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତସ୍ତରରେ ଜଣାଇ ଆସୁଛନ୍ତି।

**ରାସ୍ତା, ପାନୀୟଜଳ ପାଲଟିଛି ସାତସପନ**



ଖୁର ମୁଣ୍ଡିଆ ପାହାଡ ତଳେ ରହୁଥିବା ଆଦିବାସୀ ପରିବାର।

# ନାମକୁ କାର୍ଯ୍ୟକ୍ରମ, କାମକୁ ନୁହେଁ

**ନାଉଗାଁ,୧୭।୧୨(ସ୍ୱ.ପ୍ର.)**

**ଗରିବଙ୍କଠାରୁ ଦୂରରେ ପିଠା ଯୋଜନା**

- ଦଳୀୟ ଭିତ୍ତିରେ କାର୍ଯ୍ୟକ୍ରମ ଚାଲିଥିବା ଅଭିଯୋଗ
- ସାଧାରଣ ଲୋକଙ୍କୁ ଅବଗତ କରାଯାଉନାହିଁ
- ଭତ୍ତା ପାଉନାହାନ୍ତି ପ୍ରକୃତ ହିତାଧିକାରୀ

ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ଓ ଜନ ସଶକ୍ତିକରଣ କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ପିଠା ଯୋଜନା। ଏଥିପାଇଁ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ୨୫ ହଜାର ଟଙ୍କା ଲେଖାଏ ଅନୁଦାନ ପ୍ରଦାନ କରିଛନ୍ତି। ପଞ୍ଚାୟତ ଜନପ୍ରତିନିଧିମାନେ ଯୋଜନାର ସଫଳତା ପାଇଁ ବିଶେଷ ଯତ୍ନବାନ ହେବାକୁ କୁହାଯାଇଛି। ମାତ୍ର ପରିତାପର ବିଷୟ ନାଉଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟକ୍ରମ କରି ସମସ୍ତେ କାମ ସାରିଦେବାକୁ ବସିଥିବାବେଳେ ଯୋଜନାର ଉଦ୍ଦେଶ୍ୟ ପୂରଣ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ବହୁ ଗରିବ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିଲେ ସେମାନଙ୍କ ଦୁଃଖ କେହି ଶୁଣୁ ନାହାନ୍ତି। କେବଳ ଦଳୀୟ ଭିତ୍ତିରେ କାର୍ଯ୍ୟକ୍ରମ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ ସାଧାରଣତଃ ଭତ୍ତା ବଣ୍ଟନ କରାଯାଉଥିବା ବେଳେ ଅନେକ ଗରିବ ଓ ଅସହାୟ ଲୋକଙ୍କୁ ଜାଣିଶୁଣି କାର୍ଯ୍ୟକ୍ରମକୁ ଡକାଯାଉନାହିଁ। ଏହି ବ୍ଲକ ଗଜରାଜପୁର ପଞ୍ଚାୟତ ଦଳିତ ସାହିର ପ୍ରଫୁଲ୍ଲ ଭୋଇ(୬୨), ଭାତପଡ଼ାର ବିଧବା ବାସନ୍ତୀ ଭୋଇ, ଗଜରାଜପୁରର ଭିନ୍ନକ୍ଷମ ଶିବପ୍ରସାଦ ଭୋଇ ପ୍ରମୁଖ ଅନେକଥର ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଭତ୍ତା ମିଳିନାହିଁ। ଏପରିକି ସେମାନଙ୍କ ଆବେଦନ ଫର୍ମ ଚିରି ଦିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି ଓଷକଣା ପଞ୍ଚାୟତ ନୟା ସିଙ୍ଗଡ଼ା ଗ୍ରାମର ସପନି ନାୟକ(୭୦), ମାଗୁ ଦଳାଇ (୬୮), କ୍ଷୀରୋଦ ପରିଡ଼ା(୭୦) ଏ ପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। କେବଳ ଭତ୍ତା ନୁହେଁ, ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ଅନେକ ପରିବାର ସହାୟତା ପାଇନାହାନ୍ତି। ଗଜରାଜପୁରର ସୁର ସାହୁ, ନିଳମଣୀ ସେଠୀ ପ୍ରମୁଖଙ୍କ ୧ ବର୍ଷ ହେଲା ମୃତ୍ୟୁ ଘଟିଥିଲେ ମଧ୍ୟ ସେମାନଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ମିଳିନାହିଁ। ରୋହିଆ ପଞ୍ଚାୟତ ନାରସିମା ଗ୍ରାମର ଧଡ଼ି ବେହୁରା (୬୫), ଚନ୍ଦ୍ରଶେଖର ସ୍ୱାଇଁ (୮୧) ବାବାଜି ସାହୁ (୬୩), ମାନଗୋବିନ୍ଦ ବାରିକ (୬୨) ପ୍ରମୁଖ ଏପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। କେବଳ ଏହି ପଞ୍ଚାୟତ ନୁହେଁ, ବ୍ଲକର ୧୬ ପଞ୍ଚାୟତରେ ଏହି ସମସ୍ୟା ଦେଖିବାକୁ ମିଳିଛି। ପିଠା ଯୋଜନା ବିଷୟରେ ଗଜରାଜପୁରର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ କହିଛନ୍ତି ଯେ, ସରକାରଙ୍କ ଏହି ଯୋଜନା ଏକ ଦଳୀୟ ଭିତ୍ତିକ କାର୍ଯ୍ୟକ୍ରମ ଭଳି ଲାଗୁଛି। ଅନେକ ଲୋକଙ୍କୁ ଏ ସମ୍ପର୍କରେ ଠିକ୍ ଭାବେ ଅବଗତ କରାଯାଉନାହିଁ। ତେଣୁ ଦଳୀୟ ଭିତ୍ତିରେ କାର୍ଯ୍ୟକ୍ରମ ନ କରି ଗରିବଙ୍କୁ ସାହଯ୍ୟ କରାଯାଉ। ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସହସଂଯୋଜକ ଅଶୋକ ସ୍ୱାଇଁ କହିଛନ୍ତି ଯେ ସରକାରଙ୍କ ପିଠା ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଅନେକ ଗରିବ ଲୋକ ସରକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ପିଠା ଯୋଜନା ସମ୍ପର୍କରେ ଜିପିଓ କହିଛନ୍ତି ଯେ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ୯ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନେ ଏହାର ତଦାରଖ କରୁଛନ୍ତି।

## ସଂକ୍ଷେପରେ

### ବର୍ଷା ପାଇଁ ଚିନ୍ତାରେ ଚାଷୀ

**ବିରିଡ଼ି,୧୭।୧୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଞ୍ଚଳରେ ରବିବାରଠାରୁ ପେଥାଇ ଘୂର୍ଣ୍ଣିବାତ୍ୟା ପ୍ରଭାବରେ ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଲାଗି ରହିଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ସାମାନ୍ୟ ବ୍ୟାହତ ହୋଇଛି। ତେବେ ବର୍ଷାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବିଲରେ ପାଚିଲା ଧାନ ଠିଆ ହୋଇଥିବାବେଳେ ଆଉ କିଛି ବିଲରେ କଚଡ଼ା ପଡିରହିଛି। ଫଳରେ ଚାଷୀ ଭୟଭୀତ ହୋଇପଡିଛନ୍ତି। ତେଣୁ କେତେକ ଚାଷୀ ତରତର ହୋଇ ମେଶିନ ଦ୍ୱାରା ଧାନ କାଟି ଅମଳ କରି ଟ୍ରାକ୍ଟର ଦ୍ୱାରା ବୋହି ଆଣୁଥିବାବେଳେ ଆଉ କିଛି ଚାଷୀ କଚଡାକୁ କାନ୍ଧରେ ବୋହି ଘରକୁ ଆଣୁଥିବା ଦେଖିବାକୁ ମିଳିଛି। ଯଦି ଲଘୁଚାପଜନିତ ବର୍ଷା ଲାଗି ରହେ ତେବେ ଚାଷୀମାନେ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି।

### ତ୍ରିନାଥ ମହାପ୍ରଭୁଙ୍କ ବାର୍ଷିକୋତ୍ସବ

**ବିରିଡ଼ି,୧୭।୧୨(ଡି.ଏନ.ଏ.):** ବିରିଡ଼ି ବ୍ଲକ ଶଙ୍ଖାରିସାହି ଗ୍ରାମ ବିଲୁଆଖାଇ ନଦୀକୂଳରେ ଥିବା ତ୍ରିନାଥ ମହାପ୍ରଭୁଙ୍କ ୨୫ ତମ ବାର୍ଷିକୋତ୍ସବ ରବିବାର ଧନୁସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଛି। ତ୍ରିନାଥ ଗାଦି ଉନ୍ନୟନ ପରିଷଦ ଓ ଶଙ୍ଖାରିସାହି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଧର୍ମସଭାରେ ଧାନକୁଦର ପୀଠାଧିଶ ବାବା ଅରକ୍ଷିତ ଦାସ ଯୋଗ ଦେଇ ମହାପୁରୁଷଙ୍କ ମାଳିକା ଉପରେ ପ୍ରବଚନ ଦେଇଥିଲେ। ଏହି ଉପଲକ୍ଷେ ଗାଦିରେ ଜଳଯାତ୍ରା, ଘଟସ୍ଥାପନ, ହୋମ, ପୂଜା, ଭଜନ ପରିବେଷଣ କରାଯାଇଥିଲା। ସଭାରେ ପତିତପାବନ ଜେନା ପୌରୋହିତ୍ୟ କରିଥିଲେ। ଅକ୍ଷୟ କୁମାର ଭୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜୟଚନ୍ଦ୍ର ଜେନା ଓ ଅକ୍ଷୟ ବେହେରା ସଙ୍ଗୀତ ବରିକ୍ଷେଣ କରିଥିଲେ। ଯୋଗେନ୍ଦ୍ରେ ଭୋଇ, ବସନ୍ତ ବେହେରା, ଆନନ୍ଦ ବେହେରା, ବୀରବର ଭୋଇ, ଶରତ ଦାସ, ଟିକିନା ଭୋଇ, ଗଜେନ୍ଦ୍ର ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଷୀରୋଦ ଭୋଇ ଧନ୍ୟବାଦ ଦେଇଥିଲେ।

### ତିର୍ତ୍ତୋଲର ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ



**ତିର୍ତ୍ତୋଲ,୧୭।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକର ଏକାଧିକ ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଇବ୍ରିସିଂ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ବୈରାଗୀ ବାରିକ ସଭାପତିତ୍ୱ କରିଥିଲେ। ଜଗତସିଂହପୁର ଜିଲାପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିପିଓ ସଞ୍ଜୟ କୁମାର ଦାସ, ବ୍ଲକ କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ନାୟକ, ସୁକାନ୍ତ କୁମାର ଦାସ, ସମିତିସଭ୍ୟ ପ୍ରସନ୍ନ କୁମାର ଦାଶ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୬ଜଣଙ୍କୁ କଳାକାର ଭତ୍ତା ଏବଂ ୬୧ ଜଣଙ୍କୁ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା। ଜଡତିରା ପଞ୍ଚାୟତରେ କବିତା ବେହେରା ସଭାପତିତ୍ୱ କରିଥିଲେ। ଜିପିଓ ସଞ୍ଜୟ ଦାସ, ଗୌରାଙ୍ଗ ବେହେରା ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ପଟିଲୋ ପଞ୍ଚାୟତରେ ସରପଞ୍ଚ ଚିତ୍ତରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ବିଡିଓ ରଞ୍ଜନ କୁମାର ପରିଡା, ଜିଲାପରିଷଦ ସଭ୍ୟ ଲିପାଲି ରାଉଳ, ଜିପିଓ ସଞ୍ଜୟ କୁମାର ଦାସ, ସମିତିସଭ୍ୟା ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏସଏଚଜି ତରଫରୁ ବିଭିନ୍ନ ପ୍ରକାରର ଷ୍ଟଲ ଖୋଲାଯାଇଥିଲା।

### ଦନ୍ତ ଚିକିତ୍ସା ଶିବିର

**ବାଲିକୁଦା,୧୭।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ମା' ଜାଗ୍ରତ ଗୌରୀଙ୍କ ପୀଠରେ ଗୀତା ମହାଯଜ୍ଞ ରୌପ୍ୟ ଜୟନ୍ତୀ ଅବସରରେ କଳିଙ୍ଗ ଭାରତୀ ଫାଉଣ୍ଡେସନ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସ କିଟ ବିଶ୍ୱ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଦନ୍ତ ଚିକିତ୍ସା ଶିବିର ହୋଇଥିଲା। ଏଥିରେ ୮୭ ଜଣଙ୍କ ଚିକିତ୍ସା କରାଯାଇଥିଲା। ସମିତି ସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ପଟ୍ଟନାୟକ ମୁଖ୍ୟ ଅତିଥି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଡା. ବିନୟ, ଲେଖିକା ସୌଭାଗିନି ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୀର ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।



ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର ଅଫିସ, ୧୭।୧୨**

ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ଶିବିରରେ ମୋଟ ୭୫ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୫୯, ଗାଁ ସମସ୍ୟା ସମ୍ପର୍କିତ ୭, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୫ ଓ ରେଡକ୍ରସ ପାଣ୍ଠିରୁ ସହାୟତା ନେଇ ୪ଟି ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡିକ ମଧ୍ୟରେ ଇନ୍ଦିରା ଆବାସ/ବିଜୁ ପକ୍କାଘର ୧୩, ଭତ୍ତା ୪, ରାସନ କାର୍ଡ ୪, ଆଇନ ସହାୟତା ୫, ଜମିଜମା ସମସ୍ୟା ୧୦, ଚାକିରି ସମସ୍ୟା ୩ ଓ ଅନ୍ୟାନ୍ୟ ୨୦ଟି ରହିଛି। ତେବେ ଏଥିରେ ଶୁଣାଣି ହୋଇଥିଲା ୫୪ ଅଭିଯୋଗ। ଶିବିରରେ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଆର୍, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଭାରପ୍ରାପ୍ତ ଅଭିଯୋଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ନେଉଛନ୍ତି।

## କଲେଜରେ ବାଳିକା ଆତ୍ମସୁରକ୍ଷା କୌଶଳ ଉଦ୍‌ଘାଟିତ

**ରଘୁନାଥପୁର, ୧୭।୧୨(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କୃତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜରେ ବାଳିକା ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ସଲିଳା ପ୍ରିୟଦର୍ଶିନୀଙ୍କ ପରିଚାଳନାରେ ଆୟୋଜିତ ଶିବିରରେ ଅଧକ୍ଷ ଦିଲୀପ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଶିକ୍ଷା ସହିତ ନିଜର ସୁରକ୍ଷା ପାଇଁ ଏହି ତାଲିମ ନେବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଜିଲା ସଂଯୋଜକ ଭଗବାନ ଦାସ, ଅଧାପିକା ଡ. ଦୀପ୍ତିମୟୀ ଜେନା, ରଞ୍ଜିତା ମହାନ୍ତି ପ୍ରମୁଖ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ସୋମବାରଠାରୁ ଏହି ତାଲିମ ୧୨ ଦିନ ଧରି ଚାଲିବ। ଏଥିରେ ୭୩ ଜଣ ଛାତ୍ରୀ ଉପସ୍ଥିତ ହୋଇ ତାଲିମ ନେବେ। ମାଷ୍ଟର ଟ୍ରେନର ଭାବେ ରେଖାରାଣୀ ମଲ୍ଲିକ ଓ ରଶ୍ମିତା ବିଶ୍ୱାଳ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଉଦ୍‌ଯାପନୀ ଅବସରରେ ଛାତ୍ରୀମାନେ ଶିଖିଥିବା ସୁରକ୍ଷା କୌଶଳକୁ ଉପସ୍ଥିତ ଜଜ୍‌ଙ୍କ ନିକଟରେ ଦେଖାଇବେ ବୋଲି ପ୍ରୋଗ୍ରାମ ଅଫିସର ପ୍ରିୟଦର୍ଶିନୀ କହିଥିଲେ। ଏହାଛଡା ଶିବିରରେ ଛାତ୍ରୀମାନଙ୍କୁ ରିଆକ୍ଟ ନାମକ ଏକ ପତ୍ରିକା ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ସେମାନେ ଏ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିପାରିବେ। ରବୀନ୍ଦ୍ର ଦାସ ଓ ଦୈତାରୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକ

**ଜଗତ୍‌ସିଂହପୁର ଅଫିସ,୧୭।୧୨**

ଜଗତ୍‌ସିଂହପୁର ମାଟିର ସୁଯୋଗ୍ୟ ସନ୍ତାନ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଜନ୍ମ ଶତବାର୍ଷିକ ରବିବାର ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟ ମା ପୂର୍ଣ୍ଣମାସୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ସୁବର୍ଣ୍ଣ ବରାହୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ବାବାଜୀ ଦାମୋଦର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପଣ୍ଡିତ ବିଶ୍ୱନାଥ ଶତପଥୀ, ଶପଥ ମହାପାତ୍ର, କବି ଡାକ୍ତର ତାରକା ପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବାବା ମଧୁସୂଦନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଆଧାତ୍ମିକ ଚେତନା ଉପରେ ଆଲୋକପାତ କରିଥିଲେ। ଏଥିରେ ବାବାଜୀ ଦିବାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାନ୍ଧ୍ୟ ଅଧିବେଶନରେ ପରମହଂସ ପ୍ରଜ୍ଞାନନ୍ଦ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ, ମହନ୍ତ ଚିନ୍ତାମଣୀ ପର୍ବତଗୋସ୍ୱାମୀ ପ୍ରମୁଖ ଯୋଗଦେଇ ବାବା ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରୀତିରଞ୍ଜନ ଦାସ, ଭଗବାନ ଦାସ, କାଶୀ ନନା ପ୍ରମୁଖ ମଞ୍ଚ ପରିଳନା କରିଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ତିର୍ତ୍ତୋଲ,୧୭।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ହୁକୁଟଲା ଛକସ୍ଥିତ ସିଂହବାହିନୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ମଣିଜଙ୍ଗା ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ପରିଡ଼ା ସଭାପତିତ୍ୱ କରିଥିଲେ। ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା, କଂଗ୍ରେସ ଏସସି ସେଲ୍‌ର ଅଧକ୍ଷ ବିଭୂ ପ୍ରସାଦ ତରାଇ, ଜିଲା କଂଗ୍ରେସ କମିଟି ଉପସଭାପତି ସନ୍ତୋଷ କୁମାର ଦାସ, ପାରାଦୀପ ନଗର କଂଗ୍ରେସର ପୂର୍ବତନ ସଭାପତି ରଞ୍ଜନ କୁମାର ଦାସ, ପାରାଦୀପ ନିର୍ବାଚନମଣ୍ଡଳୀ ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ରାଜ୍ୟ କିଷାନ ସେଲ୍ ସମ୍ପାଦକ ବିଶ୍ୱନାଥ ପାଣି, ତିର୍ତ୍ତୋଲ ୨ ନଂ. ଜୋନ ସଭାପତି ପ୍ରହଲାଦ ସାହୁ, ଅକ୍ଷୟ କୁମାର ଦାସ, ଅମର କୁମାର ରାଉତ, ଦେବେନ୍ଦ୍ର କୁମାର ସ୍ୱାଇଁ, ଶଶଧର ମଲ୍ଲିକ ପ୍ରମୁଖ ଯୋଗଦେଇ ୩ ରାଜ୍ୟରେ ଦଳର ସଫଳତା ପାଇଁ ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିରୋଧୀ ଦଳକୁ ସମାଲୋଚନା କରିବା ସହିତ କଂଗ୍ରେସକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆଲୋଚନା କରାଯାଇଥିଲା। କୈଳାସ ଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ସ୍ୱାଇଁ, ଉଲ୍ଲାସ ଚନ୍ଦ୍ର ସାହୁ, ମୋହନ ସୁନ୍ଦର ସାହୁ, ଦେବବ୍ରତ ଲେଙ୍କା, ଯୁବ ସଂଗଠକ ଶ୍ରୀନାଥ ଖୁଣ୍ଟିଆ, ସୁବାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ସାଙ୍ଗଠନିକ ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

## ୪ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ




ପିଠା କାର୍ଯ୍ୟକ୍ରମରେ ବିଧାୟିକା ରାଜଶ୍ରୀ ମଲିକ ଓ ଅନ୍ୟମାନେ।

**ବିରିଡ଼ି/ବାଲିଆ, ୧୭।୧୨(ଡି.ଏନ.ଏ.)**

ବିରିଡ଼ି ବ୍ଲକର ଅରଣା, ଶଙ୍ଖପୁର, ବତିମୀରା ଓ ବଡ଼ଖଣ୍ଡୟତା ପଞ୍ଚାୟତରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅରଣା ପଞ୍ଚାୟତରେ ସରପଞ୍ଚ ସ୍ୱଦେସ୍ନା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ସିଂ, ସମିତିସଭ୍ୟା ମାମିନା ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶଙ୍ଖପୁର ପଞ୍ଚାୟତରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ସରପଞ୍ଚ ରଶ୍ମୀରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଏଠାରେ ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସମିତିସଭ୍ୟ କମଳା ଭୋଇ ଓ ବିଜେଡି ଯୁବ ନେତା ଶାନ୍ତିବ୍ରତ ଜେନା ଯୋଗଦେଇ ପିଠା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବତିମୀରା ପଞ୍ଚାୟତରେ ବିଧାୟିକା ରାଜଶ୍ରୀ ମଲ୍ଲିକ, ସରପଞ୍ଚ ସ୍ୱର୍ଣ୍ଣଲତା ସେଠୀ, ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ଆମ୍ମା ଅଧକ୍ଷ ସବିତା ଦାସ ଯୋଗ ଦେଇଥିଲେ। ବଡ଼ଖଣ୍ଡୟତା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବାବୁଲି ଚରଣ ସ୍ୱାଇଁ, ସମିତିସଭ୍ୟା ସୁନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶଙ୍ଖପୁର ପଞ୍ଚାୟତରେ ୨, ବତିମୀରା ପଞ୍ଚାୟତର ୧, ଅରଣାରେ ୧ ଓ ବଡ଼ଖଣ୍ଡୟତାର ୪ କଳାକାରଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟକ୍ରମସ୍ଥଳକୁ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ ପରିଦର୍ଶନ କରିଥିଲେ। ପ୍ରତି ପଞ୍ଚାୟତରେ ଏସଏଚଜି ଗ୍ରୁପର ମହିଳାମାନେ ପିଠା ବଣ୍ଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା।

## ୨ ବଖରା ଜଳିଗଲା

**ପାରାଦୀପ,୧୭।୧୨(ସ୍ୱ.ପ୍ର.):** ପାରାଦୀପର ୧୭ନଂ ୱାର୍ଡ ଷଣ୍ଢକୁଦ ବସ୍ତିରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ବଖରା ଜଳି ପାଉଁଶ ହୋଇଯାଇଛି। ଖବର ପାଇ ବନ୍ଦର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ବସ୍ତିରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଚାଳଘର ରହିଛି। ଅଗ୍ନିକାଣ୍ଡ ହେବାପରେ ବସ୍ତି ଲୋକେ ଛାନିଆ ହୋଇ ଯାଇଥିଲେ। ହେଲେ ନିଆଁ ଅନ୍ୟ କାହା ଘରକୁ ବ୍ୟାପି ନ ଥିଲା।

## ଆହ୍ୱାନ କମ୍ବାଇନ୍ସକୁ ପ୍ରକୃତିବନ୍ଧୁ ପୁରସ୍କାର

**ପାରାଦୀପ,୧୭।୧୨(ସ୍ୱ.ପ୍ର.)**

ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ବାଇନ୍ସକୁ ଜଗତ୍‌ସିଂହପୁରରେ ରବିବାର ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜିଲାର ୪ବ୍ଲକରେ ଗୋଟିଏ ଲେଖାଏ ଅନୁଷ୍ଠାନକୁ ଏହି ପୁରସ୍କାର ପ୍ରତିବର୍ଷ ମିଳୁଛି। ଏହି କ୍ରମରେ ଚଳିତ ବର୍ଷ କୁଜଙ୍ଗ ବ୍ଲକ ପାଇଁ ଏହି ଅନୁଷ୍ଠାନକୁ ମିଳିଛି। ଜଗତ୍‌ସିଂହପୁରଠାରେ ଆୟୋଜିତ ଯୁବ ସମାବେଶରେ ବିଧାୟକ ପ୍ରଶାନ୍ତ ମୁଦୁଲି ସଙ୍ଗଠନ ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଇଜର ବୈଜ୍ଞାନିକ ଅଭୟ ନାୟକ, ଜିଲାଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ■ ୨୩ରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମାବେଶ

# ନେତୃତ୍ୱକୁ ନେଇ ଦ୍ୱନ୍ଦ୍ୱରେ କର୍ମୀ

**ପାରାଦୀପ,୧୭।୧୨(ସ୍ୱ.ପ୍ର)**

**ଗୋଲମାଲିଆ ପାରାଦୀପ ରାଜନୀତି**

- ବିଜେଡି ନେତାଙ୍କ ଟାର୍ଗେଟରେ ଦାମ
- ବିରୋଧୀ ଦଳକୁ ଛାଡି ବିଜେଡି ଉପରେ ବର୍ଷୁଛନ୍ତି ଦାମ
- ଭାଜପା ଓ କଂଗ୍ରେସକୁ ସୁହାଉଛି ପାଗ

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ଆଗରେ ପୁଣି ଥରେ ଆସନ୍ତା ୨୩ ତାରିଖରେ ବିଜେଡି କରିବ ମହାସମାବେଶ। ଏଥର ବିଜୁ ଶ୍ରମିକ ସାମୁଖ୍ୟ ବ୍ୟାନରରେ ସମାବେଶ ହେବ। ଗତ ନଭେମ୍ବର ୮ରେ ବିଜେଡି ପକ୍ଷରୁ ବିରାଟ ସମାବେଶ କରାଯାଇଥିଲା। ସେହି ସଭାରେ ଉପକୂଳ ଜିଲାର ଛାମୁଆ ନେତା ଓ ମନ୍ତ୍ରୀମାନେ ଯୋଗ ଦେଇଥିଲେ। ଭାଷଣରେ ସେମାନେ କେନ୍ଦ୍ର ସରକାର ବା ବିରୋଧୀ ଦଳ ବିରୋଧରେ ଯେତିକି କହି ନ ଥିଲେ, ତାଠାରୁ ଅଧିକ ବର୍ଷିଥିଲେ ଦଳରୁ ବହିଷ୍କୃତ ନେତା ତଥା ସ୍ଥାନୀୟ ବିଧାୟକ ଦାମୋଦର ରାଉତଙ୍କ ଉପରେ। ଏଥର ସମାବେଶରେ ଆହୁରି ଅଧିକ ନେତା ମନ୍ତ୍ରୀ ଯୋଗ ଦେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ସମାବେଶକୁ ଅବିଭକ୍ତ କଟକ ଜିଲାରୁ ପ୍ରାୟ ୨୦ ହଜାର ଲୋକ ଓ ସମସ୍ତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଆସିବେ। ଏ ସମସ୍ତ କାର୍ଯ୍ୟକ୍ରମ ବିଜେଡି ପକ୍ଷରୁ ହେଉଥିଲେ ମଧ୍ୟ କାହା ନେତୃତ୍ୱରେ ହେବ ତାହା ସ୍ପଷ୍ଟ କରାଯାଇନାହିଁ। ତେଣୁ ନେତୃତ୍ୱକୁ ନେଇ କର୍ମୀ ଏବେ ମଧ୍ୟ ଦ୍ୱନ୍ଦ୍ୱରେ ଅଛନ୍ତି।

ସେପ୍ଟେମ୍ବର ୧୨ରେ ବିଜେଡିରୁ ଦାମ ବହିଷ୍କୃତ ହୋଇଥିଲେ। ସେବେଠାରୁ ପାରାଦୀପରେ ଦଳ ନେତୃତ୍ୱ ବିହୀନ ହୋଇ ରହିଛି। ୨୦୧୯ ପାଇଁ ଅନେକ ଆଶାୟୀ ଅଛନ୍ତି। ଏହା ମଧ୍ୟରେ ଦଳ ପକ୍ଷରୁ ନିର୍ବାଚନମଣ୍ଡଳୀରେ ୬ରୁ ଊର୍ଦ୍ଧ୍ୱ ଥର ଦଳୀୟ ସଭା ହୋଇସାରିଲାଣି। ଏଥିରେ ସବୁ ନେତାଙ୍କ ଅପେକ୍ଷା କଟକ ସଦର ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବକ୍ତବ୍ୟ ଭିନ୍ନ ରହୁଛି। ଏପରି କି ସେ କେତେଥର ଖୋଲାଖୋଲି କହିସାରିଲେଣି ଯେ ଦଳ ତାଙ୍କୁ ସୁଯୋଗ ଦେଲେ ସେ ପାରାଦୀପ ନିର୍ବାଚନମଣ୍ଡଳୀ ଲୋକଙ୍କ ସେବା କରିବେ। ସବୁ ସଭାରେ ସେ ଦାମଙ୍କୁ ଟାର୍ଗେଟ କରୁଛନ୍ତି। ତେଣୁ ସେ ଏଠାରେ ଦଳର ନେତୃତ୍ୱ ନେବେ ବୋଲି କୁହାଯାଉଛି। ମାତ୍ର ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଦୁଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ପ୍ରତାପ ଜେନା ନେତୃତ୍ୱ ସମ୍ପର୍କରେ ପଦଟିଏ ବି କହିନାହାନ୍ତି। ଦଳ ମୁଖ୍ୟାଳୟରୁ ମଧ୍ୟ ସେପରି କାହା ନାମ ଆସିନାହିଁ।

ବିଜେଡିର ଏଭଳି ନେତୃତ୍ୱ ବିହିନ ସ୍ଥିତି କଂଗ୍ରେସ ଓ ଭାଜପାକୁ ସୁହାଉଛି। ଦୁଇ ଦଳର ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରୁଛନ୍ତି। ଅନ୍ୟ ଏକ ପ୍ରସଙ୍ଗ ହେଲା ଦାମ ବିଜେଡିରେ ଥିବାବେଳେ ସବୁବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଷ୍ଣୁ ଦାସ, କଂଗ୍ରେସର ବାପି ସର୍ଖେଲ, ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ଓ ଭାଜପାର ନିର୍ମଳ ସ୍ୱାଇଁଙ୍କ ବିରୋଧରେ ବିଷୋଦଗାର କରୁଥିଲେ। କିନ୍ତୁ ବିଜେଡିରୁ ବହିଷ୍କୃତ ହେବା ପରେ ସେ ୪ଥର ସଭା କରିଥିଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ପୁରୁଣା କଥା କହୁନାହାନ୍ତି। ଏବେ ଭାଜପା ଓ କଂଗ୍ରେସକୁ ଛାଡି ମୁଖ୍ୟମନ୍ତ୍ରୀ ଓ ବିଜେଡି ନେତାଙ୍କୁ ଟାର୍ଗେଟ କରୁଛନ୍ତି। କୁହାଯାଉଛି ଗତ ୧୪ ତାରିଖରେ ହୋଇଥିବା ଦାମଙ୍କ ଜୟନ୍ତୀ ସଭାକୁ କଂଗ୍ରେସ କର୍ମୀମାନେ ୩୦୦ରୁ ଅଧିକ ଲୋକ ପଠାଇଥିଲେ। ଦାମଙ୍କ ଗତି ମଧ୍ୟ କଂଗ୍ରେସ ସପକ୍ଷରେ ରହୁଛି। ବିଜେଡିର ନେତୃତ୍ୱ ଶୂନ୍ୟ ସ୍ଥିତିରେ କେତେକେ ସ୍ଥାନରେ କର୍ମୀଙ୍କ ଦଳବଦଳ ଘଟିଲାଣି। ତେଣୁ ବର୍ତ୍ତମାନ ପାରାଦୀପ ରାଜନୀତି ଏକ ପ୍ରକାର ଗୋଲମାଲିଆ ସ୍ଥିତିରେ ରହିଛି। ଏ ସମ୍ପର୍କରେ ବିଜେଡିର ଜଣେ ଟାଣୁଆ ନେତା କହିଛନ୍ତି ଯେ, ଦଳ ଠିକ୍ ସମୟରେ ଉପଯୁକ୍ତ ନେତୃତ୍ୱ ଚୟନ କରିବ। ନବୀନଙ୍କ ନେତୃତ୍ୱରେ ସବୁ କର୍ମୀ ଏକଜୁଟ ହେବେ। ସମ୍ଭବତଃ ଆସନ୍ତା ଡିସେମ୍ବର ୨୬ ଦଳ ପ୍ରତିଷ୍ଠା ଦିବସ ପରେ ପାରାଦୀପ ନେତା ସ୍ପଷ୍ଟ ହୋଇଯିବ।